Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 343
Sunday, 22 February 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୨୨ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଖୋର୍ଦ୍ଧାରେ ହେବ ସେମିକଣ୍ଡକ୍ଟର ମେମୋରି ଚିପ୍ ପ୍ଲାଣ୍ଟ

୪୪,୨୦୦ କୋଟି ଟଙ୍କାର ପୁଞ୍ଜି ନିବେଶକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

ଭୁବନେଶ୍ୱର, ୨୧/୨ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ୪୪ ତମ ହାଲ ଲେଭେଲ କ୍ଲିଅରାନ୍ସ ଅଥରିଟି ବୈଠକରେ ଆଜି ୪୪,୨୦୦ କୋଟି ଟଙ୍କାର ୧୦ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ରାଜ୍ୟର ୮ଟି ଜିଲ୍ଲାରେ ଏହି ୧୦ଟି ପ୍ରକଳ୍ପ ସ୍ଥାପନ କରାଯିବ, ଯାହାଦ୍ୱାରା ପ୍ରାୟ ୯ ହଜାର ନିଯୁକ୍ତି ସୃଷ୍ଟି ହେବ । ଏହି ଜିଲ୍ଲାଗୁଡ଼ିକ ହେଉଛି- ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ, ପୁରୀ, ନୟାଗଡ଼, କଳାହାଣ୍ଡି ଓ ଦେବଗଡ଼ । ରେଆର ଆର୍ଥ ମାନୁଫାକ୍ଚରିଙ୍ଗ, ସେମିକଣ୍ଡକ୍ଟର, ସିମେଣ୍ଟ, ଅଟୋମୋବାଇଲ ଓ ଅଟୋକମ୍ପୋନେଣ୍ଟ, ଟେକ୍ସଟାଇଲ୍ ଫିଡିଭୁମି ଏବଂ ଶକ୍ତି ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନିବେଶ ପ୍ରସ୍ତାବ ଗୁଡ଼ିକୁ ମଞ୍ଜୁର କରାଯାଇଛି । ବୈଠକରେ ସୁଜି ଆକର୍ଷଣ ଓ ପୁଞ୍ଜି ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ଓଡ଼ିଶାର ଭଲ ପ୍ରଦର୍ଶନ ପାଇଁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଏବେ ପାରମ୍ପରିକ ଶିଳ୍ପ ବ୍ୟତୀତ ଆଧୁନିକ, ଟେକ୍ନୋଲୋଜି ପରିଚାଳିତ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ଏହି HLCA ଗୁଡିକ ଜରିଆରେ ଆମେ ଏବେ ଉଦୀୟମାନ ଶିଳ୍ପ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିପାରୁଛୁ । ବିଶେଷକରି ଆଧୁନିକ ମାନୁଫାକ୍ଚରିଙ୍ଗ ଓ ନବୀକରଣୀୟ ଶକ୍ତି ଗବେଷଣରେ ଓଡ଼ିଶାର ସ୍ଥିତି ସୁଦୃଢ଼ ହେଉଛି । ଏହାଦ୍ୱାରା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ତ୍ୱରାନ୍ୱିତ ହୋଇପାରୁଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ପୁଞ୍ଜି ଆକର୍ଷିତ କରିବା ଆମର ଲକ୍ଷ୍ୟ ନୁହେଁ,ଏହା ଯେପରି ତ୍ୱରନ୍ତ କାର୍ଯ୍ୟକାରୀ ହେବ,ତାକୁ ସୁନିଶ୍ଚିତ କରିବା ଦରକାର । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ ହୋଇ ଉତ୍ପାଦନ ଆରମ୍ଭ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ସେ କହିଥିଲେ । ଏଥିପାଇଁ ଅଧିକାରୀମାନେ ଟିମ୍ ଓଡ଼ିଶାର ମନୋଭାବ ନେଇ କାର୍ଯ୍ୟ କରିବା ଆବଶ୍ୟକ । ସମସ୍ତଙ୍କ ସମନ୍ୱୟରେ ଆମର କାର୍ଯ୍ୟଶୈଳୀରେ ତ୍ରୁଟି ଆସିପାରିବ ଏବଂ ଆମର ସଂସ୍ଥାଗତ ବ୍ୟବସ୍ଥା ଗୁଡ଼ିକୁ ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ । ଐଷ୍ଟଉଲର ସମ୍ପର୍କ ଓ ଅଧିକାରୀମାନଙ୍କୁ ସୁଜିନିବେଶରେ ଅଧିକ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ୩-ସ୍ତରୀୟ ଆହ୍ୱାନ ପ୍ଲାନ ଦେଇଛନ୍ତି । ପ୍ରଥମଟି ହେଉଛି ଯେ, ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ତେଣୁ ଆମକୁ ଏ କ୍ଷେତ୍ରରେ ଆମର ଅଭିଯାନକୁ ଆହୁରି ସୁଦୃଢ଼ କରିବାକୁ ପଡିବ । ଦ୍ୱିତୀୟ ଲେଭଲ, ଆମର ଫଙ୍କସ୍ୟାଲ୍ ସିଷ୍ଟମକୁ ଆହୁରି ଜଟିଳ କରିବାକୁ ପଡିବ । ଏହାଦ୍ୱାରା ଶିଳ୍ପ ସ୍ଥାପନ କ୍ଷେତ୍ରରେ ଅଧିକ ଗତି ଆସିବ ଏବଂ ଶିଳ୍ପାୟନ ପ୍ରକ୍ରିୟା ମଧ୍ୟ ସହଜ ହେବ । ତୃତୀୟ ବିଷୟଟି ହେଉଛି, ପ୍ରକଳ୍ପ ଗୁଡିକୁ ଗ୍ରାଉଣ୍ଡିଙ୍ଗ୍ କରିବା ପାଇଁ ଯେତିକି ସମୟ ଲାଗୁଛି, ତାକୁ ଆହୁରି କମ୍ କରିବାକୁ ପଡିବ । ସେଇଁ ରାଜ୍ୟରେ ଶିଳ୍ପ ପ୍ରକଳ୍ପ ଗୁଡିକ ସବୁଠାରୁ କମ୍ ସମୟ ମଧ୍ୟରେ ଗ୍ରାଉଣ୍ଡିଙ୍ଗ ହେଉଥିବ, ନିବେଶକ ମାନେ ସେଠାକୁ ଯିବାପାଇଁ ଅଧିକ ପସନ୍ଦ କରିବେ । ଡେଣ୍ଟୁ,ଆମକୁ ଏହିସବୁ ବିଷୟ ଗୁଡିକ ପ୍ରତି ଅଧିକ ଧ୍ୟାନ ଦେଇ ଏକ ଫୋକସ୍ଡ ଆପ୍ରୋଚ୍ ନେଇ ଉଦ୍ୟମ ଅବ୍ୟାହତ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଆଜିର ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି-ASP Semicon Private Limited ।ଏହି କମ୍ପାନୀ ୪,୬୨୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ଏକ ସେମିକଣ୍ଡକ୍ଟର ମେମୋରୀ ଚିପ୍ ମଡ୍ୟୁଲ୍ ସ୍ମୁଟ ସ୍ଥାପନ କରିବ । ଏହାଦ୍ୱାରା ପ୍ରାୟ ୨୫୦୦ ନିଯୁକ୍ତି ସୃଷ୍ଟି ହେବ । ସେହିପରି Magnova Private Limited ଖୋର୍ଦ୍ଧାରେ ୧୦୫୦ କୋଟି ଟଙ୍କା ବିନିଯୋଗରେ ଏକ ଇଂଟିଗ୍ରେଟେଡ୍ ହାଇ ପରଫର୍ମାନ୍ସ ମ୍ୟାଗନେଟ ମାନୁଫାକ୍ଚରିଙ୍ଗ୍ ଫାସିଲିଟି ନିର୍ମାଣ କରିବ । ସେମିକଣ୍ଡକ୍ଟର ଓ ରେଆର ଆର୍ଥ କ୍ଷେତ୍ରରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିବେଶ ଓଡ଼ିଶାକୁ ଆଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ଅଗ୍ରଣୀ କରିବାରେ ସହାୟକ ହେବ । ସେହିପରି Bharat Forge Limited ଟେକ୍ନୋଲାଜରେ ୩୦୦୦ କୋଟି ଟଙ୍କା ବିନିଯୋଗରେ ଏକ ଅଟୋମୋଟିଭ୍,ଏରୋସ୍ପେଶ୍ ଓ ଡିଫେନ୍ସ ଉପକରଣ ନିର୍ମାଣ ୟୁନିଟ ସ୍ଥାପନ କରିବ । ଏହାଦ୍ୱାରା ୧୦୦୦ ନିଯୁକ୍ତି ସୃଷ୍ଟି ହେବ । ସେହିପରି ସିମେଣ୍ଟ କ୍ଷେତ୍ରରେ ମଧ୍ୟ ଦୁଇଟି ପ୍ରସ୍ତାବ ଅନୁମୋଦନ ପାଇଛି । କୋରାପୁଟରେ NCL Industries Limited ୨୦୦୦ କୋଟି ଟଙ୍କା ବିନିଯୋଗରେ, ଏବଂ ମାଲକାନଗିରିରେ Dalmia Cement (Bharat) Ltd ୨୦୦୦କୋଟି ଟଙ୍କା ବିନିଯୋଗରେ ସିମେଣ୍ଟ ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା କରିବେ । ଏହି ଦୁଇଟି କମ୍ପାନୀ ଦ୍ୱାରା ଦକ୍ଷିଣ ଓଡ଼ିଶାରେ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ନବୀକରଣୀୟ ଶକ୍ତି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁରୀ ଦାସଲ କରିଛି । ନବୀକରଣୀୟ ଶକ୍ତି ଲିଡିଭୁମି ନିର୍ମାଣ ପାଇଁ Adani Hydro Energy Twelve Ltd ନୟାଗଡ଼ରେ ୯,୭୩୧.୪୭ କୋଟି, Sangamam CD Hydro Consortium କୋରାପୁଟରେ ୯୦୦୦ କୋଟି, Greenko OR01 IREP Private Ltd କଳାହାଣ୍ଡିରେ ୭୫୦୬.୯୪ କୋଟି ଏବଂ Jindal Green PSP Two Private Ltd ଦେବଗଡ଼ରେ ୩୭୧୧.୫୬ କୋଟି ଟଙ୍କା ବିନିଯୋଗରେ ପମ୍ପ ଷ୍ଟୋରେଜ ହାଇଡ୍ରୋ ପାୱାର ସ୍ମୁଟ ପ୍ରତିଷ୍ଠା କରିବେ । ସେହିପରି ଟେକ୍ସିକନ ଫିଡିଭୁମି କ୍ଷେତ୍ରରେ ମଧ୍ୟ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି ।

ଭାରତ ଉପରେ ଶୁଳ୍କ ୧୦%କୁ ହ୍ରାସ: ୨୪ରୁ ଲାଗୁ ହେବ

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭିଭିନ୍ନ ଦେଶ ଉପରେ ଲଗାଇଥିବା ଶୁଳ୍କକୁ ଗତକାଲି ଆମେରିକାର ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ । ଏହି ରାୟ ପ୍ରକାଶ ପାଇବାର କିଛି ଘଂଟା ପରେ ଟ୍ରମ୍ପ ନୂଆ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି । ଏହାର ପ୍ରଭାବରେ ଭାରତ ଉପରେ ଆମେରିକାର ଶୁଳ୍କ ୧୮ ପ୍ରତିଶତରୁ ହ୍ରାସ ପାଇ ୧୦ ପ୍ରତିଶତ ହୋଇଛି । ଭାରତ ଉପରେ ଟ୍ରମ୍ପ ଗତବର୍ଷ ଅଗଷ୍ଟଠାରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ । ସେଥିରୁ ୨୫ ପ୍ରତିଶତ ପାଲଟା ଶୁଳ୍କ ଥିଲା ଓ ଅବଶିଷ୍ଟ ୨୫ ପ୍ରତିଶତ ରୁଷିରୁ ଭାରତ ତେଲ କିଣୁଥିବାରୁ ଜରିମାନା ଭାବେ ଲଗାଯାଇଥିଲା । ତେବେ ଭାରତ ସହ ବାଣିଜ୍ୟ ରାଜିନାମା ସମ୍ପର୍କରେ ସହମତି ହୋଇଥିବା ନେଇ ଆମେରିକା ତରଫରୁ ଘୋଷଣା କରାଯିବା ସହ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିଲା । ନୂଆ ଶୁଳ୍କ ସମ୍ପର୍କରେ ଟ୍ରମ୍ପ କହିଥିଲେ ଯେ ଚଳିତ ମାସ ୨୪ ତାରିଖରୁ ତାହା ୧୫୦ ଦିନ ପାଇଁ ଲାଗୁ କରାଯାଇଛି । ଇଷ୍ରାଏଲ ଏବଂ ଆମେରିକା-ମେକ୍ସିକୋ-କାନାଡା ରାଜିନାମାରେ ଅନ୍ତର୍ଭୁକ୍ତ ସାମଗ୍ରୀ ଉପରେ ଏହି ଶୁଳ୍କ ଲାଗୁହେବ ନାହିଁ । ଏହା ବ୍ୟତୀତ ଆମେରିକାକୁ ଆମଦାନୀ କରାଯାଉଥିବା ସବୁ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗିବ ବୋଲି ଟ୍ରମ୍ପ କହିଥିଲେ । ୧୯୭୪ର ବାଣିଜ୍ୟ ନିୟମର ଧାରା ୧୨୨ରେ ଥିବା କ୍ଷମତାକୁ ଉପଯୋଗ କରି ଟ୍ରମ୍ପ ନୂଆ ଟିକସ ଲଗାଇଛନ୍ତି । ଏହି ଧାରା ରାଷ୍ଟ୍ରପତିଙ୍କୁ ୧୫ ପ୍ରତିଶତ ଟିକସକୁ ୧୫୦ ଦିନ ପର୍ଯ୍ୟନ୍ତ ଲଗାଇବାର କ୍ଷମତା ଦେଉଛି । ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ବିଶ୍ୱ ବାଣିଜ୍ୟ କାରବାରକୁ ନେଇ ନୂଆ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆମେରିକା ସହ ଭାରତ ସମେତ ବିଭିନ୍ନ ଦେଶ ସ୍ୱାକ୍ଷର କରିଥିବା ରାଜିନାମାର କ'ଣ ହେବ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ବର୍ତମାନ ସମୟରେ କୌଣସି ଦେଶକୁ ୧୦ ପ୍ରତିଶତରୁ ଅଧିକ ଶୁଳ୍କ ଦେବାକୁ ପଡ଼ିବ ନାହିଁ । କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟକୁ ଟ୍ରମ୍ପ କିଭଳି ଗ୍ରହଣ କରୁଛନ୍ତି ଓ ଆଗକୁ କଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ । ବିଶେଷଜ୍ଞଙ୍କ ମତରେ ଆମେରିକାକୁ ଜିନିଷ ପଠାଉଥିବା କୌଣସି ଦେଶକୁ ବର୍ତମାନ ୧୦ ପ୍ରତିଶତରୁ ଅଧିକ ଶୁଳ୍କ ଗଣିବାକୁ ପଡ଼ିବନି । କିନ୍ତୁ ବାଣିଜ୍ୟ ନିୟମର ଧାରା ୧୨୨ ଆଧାରରେ ଲଗାଯାଇଥିବା ଶୁଳ୍କର ଅବଧି ୧୫୦ ଦିନ ପରେ ଆସେ ଶେଷ ହୋଇଯିବ । ଟ୍ରମ୍ପ ଚାହିଲେ ଜରୁରୀକାଳୀନ ସ୍ଥିତି ସୃଷ୍ଟି ହୋଇଥିବା ବର୍ଣ୍ଣାଳ ଶୁଳ୍କକୁ ଆଗୁଆ ଲାଇନ ବଢ଼ି ପୁଣି ଅଧିକ ଟିକସ ଲଗାଇପାରିବେ । ଗତକାଲି ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଭାରତ ଭଳି ଦେଶ ପାଇଁ ଚମତ୍କାର ସୁଯୋଗ ସୃଷ୍ଟି ହୋଇଥିଲା । ସବୁଠୁ ଅନୁଗ୍ରହୀତ ଦେଶ (ଏମଏଫଏନ) ମାନ୍ୟତା ପାଇଥିବାରୁ ଭାରତ ପାଇଁ ଶୁଳ୍କ ୩.୫ ପ୍ରତିଶତରୁ ହ୍ରାସ ପାଇଥିଲା । କିନ୍ତୁ ଟ୍ରମ୍ପ ସଙ୍ଗେ ସଙ୍ଗେ ୧୦ ପ୍ରତିଶତର ନୂଆ ଶୁଳ୍କ ଲଗାଇବା ପରେ ସବୁକିଛି ବିଗଡ଼ିଯାଇଥିଲା । ସୁପ୍ରିମକୋର୍ଟଙ୍କ ରାୟ ପରେ ଟ୍ରମ୍ପ କହିଥିଲେ ଯେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ବଜାୟ ରହିଛି । ଭାରତ ସହ ମୋ ସମ୍ପର୍କ ବହୁତ ବଢ଼ିଆ । ଆମେ ଭାରତ ସହ କାରବାର କରୁଛୁ । ସେ କହିଥିଲେ ସୁପ୍ରିମକୋର୍ଟଙ୍କ ରାୟ ପ୍ରଭାବରେ ଜିନିଷ ବି ବଦଳିବନି । ଭାରତ ଆମକୁ ଶୁଳ୍କ ଦେବ । ଆମେ ସେମାନଙ୍କୁ ଶୁଳ୍କ ଦେବୁନାହିଁ । ଏହା ହିଁ ନିଶ୍ଚିତ ହୋଇଛି ବୋଲି ଟ୍ରମ୍ପ କହିଥିଲେ ।

୨୦୨୫ରେ ଜଗା ହୁଣ୍ଡିରୁ ମିଳିଛି ୧୮ କୋଟି

ଭୁବନେଶ୍ୱର, ୨୧/୨ (ଆ.ପ୍ର) : ଶ୍ରୀଜଗନ୍ନାଥଙ୍କ ମନ୍ଦିର ହୁଣ୍ଡିରୁ ୧୮ କୋଟି ଟଙ୍କା ଓ ୩ କିଲୋ ସୁନା ଦାନ ସଂଗ୍ରହ କରାଯାଇଛି । ଜଗାକୁ ମୁକ୍ତ ହସ୍ତରେ ଦାନ କରୁଛନ୍ତି ଭକ୍ତ । ଆଜି ଏ ସମ୍ପର୍କରେ ବିଧାନସଭାରେ ଜଗର ଗୃହନିର୍ମାଣ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ । ବିଧାୟିକା ଉପସ୍ପୀକାର ମହାପାତ୍ରଙ୍କ ପ୍ରଶ୍ନର ଆଜଣ ମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି । ଗତ ବର୍ଷ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ୭୭୦ ଟଙ୍କା ଦାନ ସଂଗ୍ରହ କରାଯାଇଛି । ଭକ୍ତମାନେ ଭକ୍ତ ବର୍ଷରେ ୩ କିଲୋ ୪୪୧ ଗ୍ରାମ ୩୦୦ ମିଲ୍ଲି ମିଶ୍ରିତ ସୁନା ଓ ୩୩ କିଲୋ ୬୪୮ ଗ୍ରାମ ୯୫୦ମିଲ୍ଲୀ ମିଶ୍ରିତ ରୁପା ଅଳଙ୍କାର ଦାନ କରିଛନ୍ତି । ୧୯୮୧ ରୁ ୨୦୨୪-୨୫ ସୁଦ୍ଧା ୫୮ କେଜି ୩୧୭ ଗ୍ରାମ ସୁନା ଏବଂ ୧୫୮ କେଜି ୮୩୬ ଗ୍ରାମ ରୁପା ଦାନ ହୁଣ୍ଡିରୁ ସଂଗ୍ରହ ହୋଇଛି । ସେହିଭଳି ୨୦୧୧ ରୁ ୨୦୨୪-୨୫ ଭିତରେ ହୁଣ୍ଡା ଏବଂ ଅନ୍ୟାନ୍ୟ ବାବଦରୁ ୩୦୪ କୋଟି ୫୭ ଲକ୍ଷ ଆଦାୟ ହୋଇଛି ।

ବାଲ୍ୟ ବିବାହ ହାରରେ ଦେଶକୁ ପଛରେ ପକାଇଛନ୍ତି ଓଡ଼ିଶାର ୧୧ ଜିଲ୍ଲା

ଭୁବନେଶ୍ୱର, ୨୧/୨ (ଆ.ପ୍ର) : ଓଡ଼ିଶାକୁ ଚିନ୍ତା ବାଲ୍ୟ ବିବାହ । ବାଲ୍ୟ ବିବାହ ହାରରେ ଦେଶକୁ ପଛରେ ପକାଇଛି ରାଜ୍ୟର ୧୧ ଜିଲ୍ଲା । ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାର ହାର ୨୦.୫% ରହିଛି । ବିଧାୟକ ଅମର ନାୟକଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଧାନସଭାରେ ଜଣାଇ ଦେଇଛନ୍ତି । ନବରଙ୍ଗପୁରରେ ବାଲ୍ୟ ବିବାହ ହାର ୩୯.୪%, ନୟାଗଡ଼ରେ ୩୫.୭%, କୋରାପୁଟରେ ୩୫.୫%, ରାୟଗଡ଼ାରେ ୩୩.୨%, ମାଲକାନଗିରିରେ ୩୨.୪%, ମୟୂରଭଞ୍ଜରେ ୩୧.୩%, କେନ୍ଦୁଝରରେ ୨୯%, ଗଜପତିରେ ୨୮.୧%, ବାଲେଶ୍ୱରରେ ୨୬.୪%, ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ହାରରେ ବାଲ୍ୟ ବିବାହ ରେକର୍ଡ କରାଯାଇଛି । ସୂଚନା ଥାଇଜି, ୨୦୩୦ ସୁଦ୍ଧା ଓଡ଼ିଶା ହେବ ବାଲ୍ୟ ବିବାହ ମୁକ୍ତ ରାଜ୍ୟ । ଓଡ଼ିଶାକୁ ବାଲ୍ୟ ବିବାହ ମୁକ୍ତ କରିବା ଲକ୍ଷ୍ୟ ନେଇ ସରକାର ସମସ୍ତ ଜିଲ୍ଲାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବାଲ୍ୟ ବିବାହ ମୁକ୍ତ ଦୌଡ଼ରେ ସାମିଲ ହୋଇଛି ଦେବଗଡ଼ ଜିଲ୍ଲା । ପୂର୍ବରୁ ରାଜ୍ୟରେ ଗଞ୍ଜାମ ଓ ଗଜପତି ବାଲ୍ୟ ବିବାହ ମୁକ୍ତ ଘୋଷିତ ହୋଇଥିବାବେଳେ ଦେବଗଡ଼ ତୃତୀୟ ଜିଲ୍ଲା ଭାବେ ଏ ମାନ୍ୟତା ପାଇବାକୁ ଯାଇଛି । କଳାହାଣ୍ଡି ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ-୨୦୧୫ରେ ପ୍ରଥମ ପର୍ଯ୍ୟାୟରେ ଦେବଗଡ଼ ଜିଲ୍ଲାରେ ବାଲ୍ୟ ବିବାହ ହାର ୨୩% ଥିବାବେଳେ ୨୦୧୯ରେ ୧୯%କୁ ଖସିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ଗଣ୍ଡଫର୍ସ୍ଟ ଡେଟିକ ସମୀକ୍ଷା ପରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଦେବଗଡ଼ ଜିଲ୍ଲାର ୩୬୪ ଗ୍ରାମ ଓ ପୌରାଞ୍ଚଳର ୧୧ଟି ୱାର୍ଡକୁ 'ବାଲ୍ୟ ବିବାହ ମୁକ୍ତ' ଘୋଷିତ କରାଯାଇଛି ।

୮୬ ବର୍ଷ ଧରି ବଳିଦାନ ଓ ସମର୍ପଣର ପରମ୍ପରା ସହ ଆଭ୍ୟନ୍ତରୀଣ ସୁରକ୍ଷାର ଆଧାର ସାଜିଛି ସିଆରପିଏଫ୍ : ଅମିତ ସାହ

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଆସାମର ଗୌହାଟୀରେ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ (ସିଆରପିଏଫ)ର ୮୬ତମ ପ୍ରତିଷ୍ଠା ଦିବସ ସମାରୋହରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଆସାମର ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱ ଶର୍ମା, ସିଆରପିଏଫର ମହାନିର୍ଦ୍ଦେଶକ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ୮୬ ବର୍ଷ ଧରି ସିଆରପିଏଫ୍ ନିଜର ଭଲ୍ୟେଣ୍ଟାରୀ ପ୍ରଦର୍ଶନ, ବୀରତ୍ୱ, ଧୈର୍ଯ୍ୟ, ସାହସିକତା ଏବଂ ବଳିଦାନ ଦ୍ୱାରା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିଆସୁଛି । ସେ କହିଥିଲେ ଯେ ସିଆରପିଏଫ୍ ବିନା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର କଳ୍ପନା ମଧ୍ୟ କରାଯାଇପାରିବ ନାହିଁ । ଏହାର ପ୍ରତିଷ୍ଠା ପରଠାରୁ ଆଜି ପର୍ଯ୍ୟନ୍ତ, ୮୬ ବର୍ଷରୁ ଅଧିକ ସମୟ ଧରି, ସିଆରପିଏଫ କର୍ତ୍ତବ୍ୟ ପ୍ରତି ସମର୍ପଣ କାରଣରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର ଏକ ଦୃଢ଼ ସ୍ତମ୍ଭ ଭାବେ ଛିଡ଼ା ହୋଇଛି । ଶ୍ରୀ ଶାହ କହିଥିଲେ ଯେ ସିଆରପିଏଫର ୨,୨୭୦ ଜଣ ଯବାନ ଦେଶକୁ ସୁରକ୍ଷିତ ରଖିବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି ଏବଂ ସମଗ୍ର ଦେଶ ସେମାନଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ କର୍ତ୍ତବ୍ୟ ପ୍ରତି ଏହି ସମର୍ପଣ ଏବଂ ବଳିଦାନ କାରଣରୁ ହିଁ ସିଆରପିଏଫ ଯବାନମାନେ ଅନେକ ଥର ଦେଶକୁ ସୁରକ୍ଷା ଦେଇଛନ୍ତି । ଶ୍ରୀ ଶାହ କହିଥିଲେ, ୧୧-୧୨ ବର୍ଷ ପୂର୍ବେ ଦେଶରେ ତିନୋଟି ପ୍ରମୁଖ ଚରସ୍ପଟ୍ ଥିଲା-କାଶ୍ମୀର, ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଂଚଳ ଏବଂ ଭାରତ-ପୂର୍ବ-ସାହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ବିପଦ ପାଲଟିଥିଲା । ଆଜି ତିନିଟି ଯାକ ସ୍ଥାନରେ ଶାନ୍ତି ପ୍ରତିଷ୍ଠା କରିବାରେ ସଫଳତା ମିଳିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ତିନୋଟି ଚରସ୍ପଟ୍ ମଧ୍ୟରେ ବୋମା ବିସ୍ଫୋରଣ, ଗୁଳି, ବନ୍ଦ, ଅବରୋଧ ଏବଂ ବିନାଶ ଏକକା ପ୍ରମୁଖ ଥିଲା, କିନ୍ତୁ ବର୍ତମାନ ଏହି ତିନୋଟି ଅଂଚଳ ବିକାଶର ଇଞ୍ଜିନରେ ପରିଣତ ହୋଇଛି, ଯାହା ସମଗ୍ର ଦେଶର ବିକାଶକୁ ଆଗେଇ ନେଉଛି । ସେ କହିଥିଲେ ଯେ ସିଆରପିଏଫ ଶହୀଦମାନଙ୍କ ବଳିଦାନ

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA

ରବିବାର, ୨୨ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ବିଶ୍ୱ ମାତୃଭାଷା ଦିବସ ଓ ପଂଚାୟତ ସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ

ଜି.ଉଦୟଗିରି, ୨୧/୨ (ଆ.ପ୍ର) : ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗୀ ପଂଚାୟତ କୁମ୍ଭୀଙ୍ଗିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ସହ ପଂଚାୟତ ସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ଝରଣି ଦିଗାଳଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାତୃଭାଷାର ମହତ୍ୱ, ସଂରକ୍ଷଣ ଓ ପ୍ରଚାର ନେଇ ଛାତ୍ରୀ ଛାତ୍ର ମାନଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ମାତୃଭାଷାର ଗୌରବ ଉପରେ ଆଲୋଚନା କରାଯାଇଥିବା ବେଳେ ଛାତ୍ରୀ ଛାତ୍ର ମାନେ ମାତୃଭାଷା ପ୍ରତି ଭାବ ଓ ସମ୍ମାନବୋଧ ଜାଗୃତ ହୋଇଥିବା ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜିଶୋରୀ ମାନଙ୍କ ସ୍ୱାସ୍ଥ୍ୟ ସଚେତନତା, ପୋଷଣ, ବ୍ୟକ୍ତିଗତ ପରିଚ୍ଛନ୍ନତା, ଶିକ୍ଷାର ଗୁରୁତ୍ୱ ଓ ଜିଶୋରୀମାନଙ୍କ ସ୍ୱାବଲମ୍ବନ ବିଷୟରେ ବିଭିନ୍ନ ଅଧିବେଶନ ଆୟୋଜିତ ହୋଇଥିଲା । ଏହି ଅବସରରେ ଶିକ୍ଷୟତ୍ରୀ ରେଙ୍କି ନାୟକ, ଯୋସବା ପ୍ରଧାନ ଉପସ୍ଥିତ ଥିଲେ । ଅଙ୍ଗନୱାଡ଼ି ସୁପରଭାଇଜର ବିଷୟା କର୍ଣ୍ଣାଙ୍କ ସମେତ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀମାନେ ଯୋଗ ଦେଇଥିଲେ । ଫେବୃଆରୀ ୨୧ ତାରିଖ ବିଶ୍ୱ ମାତୃଭାଷା ଦିବସ ଭାଷାର ସୁରକ୍ଷା ଓ ବିଭିନ୍ନତାକୁ ସମ୍ମାନ ଦେବାର ଏକ ଅନନ୍ୟ ଦିନ ଭାବେ ପରିଚିତ । ଏହି ପାଳନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମନରେ ନିଜ ମାତୃଭାଷା ପ୍ରତି ଗର୍ବ ଓ ସମ୍ମାନବୋଧ ଜାଗୃତ ହୋଇଥିବା ଦେଖାଯାଇଥିଲା । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ସମସ୍ତଙ୍କୁ ମାତୃଭାଷାର ବ୍ୟବହାର ବୃଦ୍ଧି ପାଇଁ ଆହ୍ୱାନ ଜଣାଯାଇଥିଲା ।

ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ପୁରୀ, ୨୧/୨ (ଆ.ପ୍ର) : ସମାଜରେ ଭଲ ମଣିଷର ଆଦର ଓ ସମ୍ମାନ ସବୁବେଳେ ଥାଏ ।ସମ୍ପ୍ରତି ଆଜିର ସମାଜ ରେ ସଂଷ୍କାର ଓ ଶୃଙ୍ଖଳାର ଅଭାବ ଦେଖାଯାଉଛି । ଏହାକୁ ସୁଧାରିବା ପାଇଁ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶ ଓ ଚରିତ୍ର ସର୍ବଦା ପ୍ରେରଣାଦାୟକ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଶନିବାର ଅପରାହ୍ନ ରେ ସାକ୍ଷୀ ଗୋପାଳ ମନ୍ଦିର ନିକଟସ୍ଥ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୭ ତମ ପ୍ରତିଷ୍ଠା ଓ ବାର୍ଷିକ ଦିବସ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ଭଲ ମଣିଷ ହେବାର କାଳଜୟୀ ବାଣୀ ସଭିଙ୍କ ପାଇଁ ମହତ୍ୱପୂର୍ଣ୍ଣ । ବିଭିନ୍ନ ଅନୁଷ୍ଠାନ ରେ ଶିକ୍ଷା ଲାଭ କରୁଥିବା ପିଲା

ମାନେ ବଡ ମଣିଷ ହେବାର ସ୍ୱପ୍ନ ଦେଖୁଥାନ୍ତି । କିନ୍ତୁ ବଡ ମଣିଷ ହୋଇ ଅଧିକ ରୋଜଗାର ଅପେକ୍ଷା ଯଦି ସମାଜ ପାଇଁ ସମ୍ବଳ ପାଲଟି, ସଂଷ୍କାର ଯୁକ୍ତ ହୋଇ ଶୃଙ୍ଖଳିତ ଆଚରଣ କରିଥାନ୍ତି ତେବେ ତାହାହିଁ ହେବ ଆଚାର୍ଯ୍ୟ ହରିହରଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧା ସମ୍ମାନ ବୋଲି କହିଥିଲେ । ଏହି ଅନୁଷ୍ଠାନର ପିଲାମାନେ ଯେଉଁ ମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି ସେମାନଙ୍କୁ ଆମନ୍ତ୍ରଣ କରି ବର୍ତମାନ ପିଲାମାନଙ୍କୁ ପ୍ରେରଣା ପାଇଁ ସେମାନଙ୍କ ସହ ମିଶିବାର ସୁଯୋଗ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ । ଆଚାର୍ଯ୍ୟ ହରିହର ଶିଶୁ ଭବନର ଉପ ସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଗୁପ୍ତସ୍ତି ରହି ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ କରିଥିଲେ ।ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ବାର୍ଷିକ ପତ୍ର ପ୍ରଗତି ଓ ଇତିବୃତ୍ତି ବଂଟନ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।ଅତିଥିମାନେ ପ୍ରାରମ୍ଭରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଅଭିଭାବୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।ଏହି ଅବସରରେ ଅନୁଷ୍ଠାନ ପରିସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା ।ଏହାକୁ ବିଡ଼ିଓ ସତ୍ୟବାଦୀ ଦେବାଶିଷ ନାୟକ ଉଦଘାଟନ କରିଥିଲେ ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ

ଖଲ୍ଲିକୋଟ, ୨୧/୨ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଗଣେଶ ଚକ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମଂଚାସୀନ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ସହ ସ୍ୱାଗତୋତ୍ତର ପରିଶେଷ ସମ୍ପନ୍ନ ଅଧ୍ୟକ୍ଷ ଡ.ମନୋଜ କୁମାର ପଟ୍ଟନାୟକ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ପରେ ଛାତ୍ର ଶକ୍ତି, ଦୀପକ, ରୋଜା, ବିଭୂତିପ୍ରିୟା ଆଦିଙ୍କ ଦ୍ୱାରା ସମବେତ 'ବନ୍ଦେ ଉତ୍କଳ ଜନନୀ ' ଗାନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଂଚାସୀନ ଥିଲେ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଧାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାନ୍ତି ଓ ସମ୍ମାନିତ ବକ୍ତା ପ୍ରାକ୍ତନ ଦକ୍ଷିଣାଂଚଳ ଶିକ୍ଷା ନିର୍ଦ୍ଦେଶକ ତଥା କବି ଜୈନାସ ଚନ୍ଦ୍ର ତ୍ରିପାଠୀ । ଅଧ୍ୟାପକ ଡ. ମନୋରଞ୍ଜନ ବିଶୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସଞ୍ଚାଳନରେ କରିଥିଲେ ବିଶ୍ୱବିଦ୍ୟାଳୟ ଛାତ୍ରକଲ୍ୟାଣ ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ

ଡ. ଉଷାରାଣୀ ରଥ । ସେ ପ୍ରାରମ୍ଭିକ ସୂଚନା ଜୁମରେ ବହୁଭାଷୀ ଶିକ୍ଷା ଉପରେ ଯୁବପିଢ଼ିଙ୍କ ସ୍ୱର ଉପରେ ଗୁରୁତ୍ୱାରୋପ ସହ ମାତୃଭାଷାର ମହତ୍ୱ ସମ୍ପର୍କରେ ବର୍ଣ୍ଣନା ପୂର୍ବକ ଅନ୍ୟ ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ନିବେଦନ କରିବା ନିମନ୍ତେ ପରାମର୍ଶ ଦେଇ ଭାଷାଗତ ସହନଶୀଳତା ରକ୍ଷା କରିବାକୁ କହିଥିଲେ । ମଂଚାସୀନ ଉଦଘାଟକ ଡ. ମନୋଜ କୁମାର ପଟ୍ଟନାୟକ ଉଦଘାଟନୀ ଅଭିଭାଷଣରେ ଅନ୍ତର୍ଜାତୀୟ ମାତୃଭାଷା ପାଳନର ଇତିହାସ ଓ ତାତ୍ପର୍ଯ୍ୟ ବର୍ଣ୍ଣାଇବା ସହ ଛାତ୍ରଛାତ୍ରୀଙ୍କୁ ମାତୃଭାଷାର ଅବିନ୍ଦ୍ରିଷ୍ଟ ନିମନ୍ତେ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ନିଜ ମାତୃଭାଷା ପ୍ରତି ଶ୍ରଦ୍ଧାଶୀଳ ହେବା ଏବଂ ସର୍ବଦା ନିଜ ମାତୃଭାଷା ବ୍ୟବହାର କରିବା ପାଇଁ ପ୍ରେରଣା ଦେଇଥିଲେ । ଅନ୍ୟମାନ ସମ୍ମାନିତ ବକ୍ତା ଡ. ଜୈନାସ ଚନ୍ଦ୍ର ତ୍ରିପାଠୀ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷାରେ ରଚିତ ସାହିତ୍ୟ ପାଠ କରିବା ସହ ନିଜେ ମାତୃଭାଷା ରେ ସାହିତ୍ୟ ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ମହତ୍ୱ ଓ ଉପଯୋଗିତା ସମ୍ପର୍କରେ ଆଲୋଚନା କରିବା ସହ ବିଶ୍ୱର ବିଭିନ୍ନ ଦେଶ ନିଜର ମାତୃଭାଷା ମାଧ୍ୟମରେ କିପରି ପ୍ରଗତି କରିଛନ୍ତି ତା ' ଉପରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସୌରଭ, ତୃଷାର, ଶେଖର, ମାତୃପ୍ରସାଦ ଦେବାଶିଷ, ବିଭୂତି ଭୂଷଣ, ସାଚୁ ପୂଜା ହରିହର, ଆର. ଧରମେଶ୍ୱର, ବିଜୟଲକ୍ଷ୍ମୀ, ସମାର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହ ଏହି କୃତୀ ପ୍ରତିଯୋଗୀମାନେ ନିଜ ବକ୍ତବ୍ୟରେ ମାତୃଭାଷାର ମହତ୍ୱ ପ୍ରତିପାଦନ କରିଥିଲେ । ଶେଷରେ ଡ. ବନମାଳୀ ପାଣ୍ଡିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଶୋୟୀଙ୍କ ସମେତ ଓଡ଼ିଆ ବିଭାଗର କହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଇଂରାଜୀ ବିଭାଗର ଅଧ୍ୟାପିକା ପୂଜା ପନାଲ, ଅଧ୍ୟାପିକା ଅର୍ଚ୍ଚିତା ଜେନା ପ୍ରମୁଖଙ୍କ ସହ ବହୁ ବିଭାଗର ଛାତ୍ରଛାତ୍ରୀ ଯୋଗଦେଇ ମାତୃଭାଷାର ଗୌରବ ରକ୍ଷା କରିବା ଦିଗରେ ପ୍ରମୁଖ ଯୋଗଦାନ ଦେଇଥିଲେ ।

ଯୋଗାଣ ଅଧିକାରୀ ଓ ଗ୍ୟାସ ଏଜେନ୍ସିର ମଧୁଚନ୍ଦ୍ରିକାରେ ଚାଲିଛି ଘରୋଇ ଜାଳେଣି ଗ୍ୟାସର କଳାବଜାରୀ

ଯାଜପୁର, ୨୧/୨ (ଆ.ପ୍ର) : ସରକାର ଗାଁ ଗହଳିରେ ବସବାସ କରୁଥିବା ସମସ୍ତ ଗୃହିଣୀମାନଙ୍କ ର ପ୍ରମୁଖ ସମସ୍ୟାର ସମାଧାନ କରିବା ପାଇଁ ସରକାର ପ୍ରତ୍ୟେକଟି ପରିବାର ପାଖରେ ଲଙ୍କନ ଗ୍ୟାସ ସିଲିଣ୍ଡର ପଞ୍ଚାଂଚାଳକୀକୁ ବିଭିନ୍ନ ଯୋଜନା କରିଛନ୍ତି । ଗରୀବ ପରିବାର ପାଇଁ ଉଜ୍ଜ୍ୱଳା ଯୋଜନାରେ କମ ଦାମରେ ଅଧିକ ରିହାତି ରେ ଲଙ୍କନ ଗ୍ୟାସ ଯୋଗାଉଛନ୍ତି । ଯାହାର ସରକାରୀ ମୂଲ୍ୟ ୧୪. ୨ କେଜିକୁ ୮୯୦ ଟଙ୍କା ରଖାଯାଇଛି । ଏହାକୁ ଜଣେ ସାଧାରଣ ଉପଭୋକ୍ତା ନେଲେ ଯାହାର ସବସିଡ଼ି ୨୩ ଟଙ୍କା ବ୍ୟାଙ୍କ ଖାତାକୁ ଯାଇଥାଏ । ଠିକ ସେହିପରି ଉକ୍ତ ଗ୍ୟାସ ସିଲିଣ୍ଡରକୁ ଜଣେ ଉଜ୍ଜ୍ୱଳା ଉପଭୋକ୍ତା ନେଲେ ତାର ବ୍ୟାଙ୍କ ଖାତାକୁ ୩୩୦ ଟଙ୍କା ରିହାତି ଯାଇଥାଏ । ସେହିପରି ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ସରକାର ୧୯କେଜି ଓଜନର ସିଲିଣ୍ଡର ବ୍ୟବସ୍ଥା ରଖୁଛନ୍ତି । ଯାହାର ମୂଲ୍ୟ ୧୮୮୨ଟଙ୍କା ରଖୁଛନ୍ତି । କିନ୍ତୁ ଏକ ଦୁଃଖର ବିଷୟ ସରକାର ଯେଉଁ ଉଦ୍ଦେଶ୍ୟ ପାଇଁ ସାଧାରଣ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା କରିବା ସହିତ ବିଭିନ୍ନ ସବସିଡ଼ି ସୁବିଧା ଦେବା ସହିତ ତାହାର ଅତିରିକ୍ତ ବୋଝର ଭାର ସରକାର ନିଜ ମୁଣ୍ଡରେ ମୁଣ୍ଡାଇଥିବାବେଳେ, କିଛି ଅସାଧୁ ଅଫିସର ଓ କିଛି ଅସାଧୁ ବ୍ୟବସାୟୀ ଅସତ ବାଟରେ ନିଜର ପକେଟ ଗରମ କରି ପାଇଁ ବିଭିନ୍ନ ଅସାଧୁ ବାଟ ଅବଲମ୍ବନ କରିଥାନ୍ତି । ଯେପରି ଯାଜପୁର ଜିଲ୍ଲାର ସମସ୍ତ

ବ୍ଲକ, ସହର ମହକୁମା ଓ ଗାଁଗହଳିରେ ଓ ବଜାର ମାନଙ୍କରେ ଥିବା ହୋଟେଲ, ରେଷ୍ଟୁରାଂଟ, ବିଭିନ୍ନ ମିଠା ଦୋକାନ, ଚା ଷ୍ଟଲ ଭଳି ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ ଖୁଲାମଖୁଲା ଦିନ ଦ୍ୱିପହରେ ବିନା ଦ୍ୱିଧାରେ ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେବାକୁ ଥିବା ଘରୋଇ ଗ୍ୟାସ ସିଲିଣ୍ଡରକୁ ବିଭିନ୍ନ ଗ୍ୟାସ ଏଜେନ୍ସି ପ୍ରତ୍ୟେକ ଜଣ କଳାର ମାନଙ୍କରେ ନିଜେ ଗୋଟେ ଗୋଟେ ଏଜେନ୍ସି ଖୋଲି କରି ନିର୍ଦ୍ଧାରିତ ଦାମ ଠାରୁ ୮୦ ରୁ ୧୦୦ଟଙ୍କା ଅଧିକ ରଖି ଚଢ଼ା ଦରରେ ବିକ୍ରିକରି ଲାଭବାନ ହେଉଛନ୍ତି । ସାହାଫଳରେ ପରୋକ୍ଷରେ ଉପଭୋକ୍ତାମାନେ ବହୁ ସମୟରେ ଏଜେନ୍ସିରୁ ଗ୍ୟାସ ନପାଇ ନିରାଶ ହେବା ସହିତ ଚଢ଼ାଦରରେ ତାଙ୍କ ଦ୍ୱାରା ପରୋକ୍ଷରେ ତିଆରି ହୋଇଥିବା ସବ ଡିଲରଙ୍କ ପାଖରୁ କିଣିବାକୁ ବାଧ୍ୟ ହେଉଛନ୍ତି । ଯାହାଫଳରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ବାଟବଣା ହେଉଛି । ଏହି ବିଷୟରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀଙ୍କ ପାଖରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଅସାଧୁ ବ୍ୟବସାୟୀଙ୍କ ଉପରେ ତତ୍ପାଳ କିଛିବା ତ ଦୂରର କଥା, ଏଥିସୁଦ୍ଧା କୌଣସି ବୃଦ୍ଧି ଦେଖି ନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଯୋଗାଣ ଅଧିକାରୀ ଓ ଜାଳେଣି ଗ୍ୟାସ ଏଜେନ୍ସି ମାଲିକଙ୍କ ମଧ୍ୟରେ ଥିବା ମଧୁ ଚନ୍ଦ୍ରିକା ପାଇଁ ସାଧାରଣ ଉପଭୋକ୍ତା ତିଳାର ମାନଙ୍କର ଶୋଷଣରେ ଶିକାର ହେବା ସହିତ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷେ ବିଭିନ୍ନ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ କମରସିଆଲ ଜାଳେଣି ଗ୍ୟାସ କେଜି ପ୍ରତି ୯୯ ଟଙ୍କା ଦରରେ ଘରୋଇ ଜାଳେଣି ଗ୍ୟାସ ବ୍ୟୁକରେ ୬୦ଟଙ୍କାରେ କିଣି ଲାଭବାନ ହେଉଛନ୍ତି । ଯାହାଫଳରେ ଜଣେ ସାଧାରଣ ଉପଭୋକ୍ତା ଏଜେନସିରେ ବୁକିଂ କରିବା ପରେ ମଧ୍ୟ ଦିନିକୁ ଅଧିକ ସମୟ ଲାଗୁଥିବାରୁ ବାଧ୍ୟ ହୋଇ ଅଧିକ ଦାମ ଦେବା ସହିତ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଥି ପ୍ରତି ଯାଜପୁର ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି ।

ଚିଲିକା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ

ଚିଲିକା(ବାଣପୁର, ୨୧/୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣୁଗାଁ ନିକଟବର୍ତ୍ତୀ ଗୋପାଳପୁର ପୁର ଠାରେ ଚିଲିକା ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ଶ୍ରୀ ରଙ୍କାନାଥ ସେଠୀଙ୍କ ଆୟୋଜନରେ ରାଜ୍ୟ ସ୍ତରୀୟ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସୁନାମଧନ୍ୟ କବି ଓ ସାହିତ୍ୟିକ ମାନଙ୍କ ଦ୍ୱାରା ଲିଖିତ ଗୀତି କବିତା ନିଜେ ନିଜେ ପଠନ କରିଥିଲେ । ମଦନ ମୋହନ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ରବୀନ୍ଦ୍ର ପ୍ରଧାନ, ଲମ୍ବୋଦାର ସାହୁ, ଭରମେଶ ମହାପାତ୍ର, ଜିତାରୀ ଚରଣ ପ୍ରଧାନ, ରଙ୍କନାଥ ସେଠୀ, ଲକ୍ଷ୍ମୀ ଚରଣ ପ୍ରଧାନ, ସନ୍ଧ୍ୟା ଦେବୀ, ସୁଶାନ୍ତ ଦାସ, ବ୍ରଜକିଶୋର ଜେନା ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିଲେ । ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷାବିତ୍ ତଥା କବି ଗୋପୀନାଥ ଦାଶ ଓ ପଦ୍ମଲୋଚନ କବି ଦିଗରେ ବିଶ୍ୱାଳ । ପ୍ରାୟ ପଚାଶ ଜଣରୁ ଊର୍ଦ୍ଧ୍ୱ ଲେଖକ ଓ କବି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ଚିଲିକା ରକ୍ଷା ସୁରକ୍ଷା ସମ୍ମିଳନୀର ସଭାପତି ଶ୍ରୀ ରଙ୍କନାଥ ସେଠୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ ଐତିହାସିକ ଶ୍ରୀ ସତ୍ୟବାଦୀ ବଳିଆରସିଂହ,ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ ଶ୍ରୀ ଗୋକୁଳ ବିହାରୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଡଃ ଚିନ୍ତାମଣି ମିଶ୍ର ଯୋଗଦେଇ ମାତୃଭାଷାର ସୁରକ୍ଷା ବିଷୟରେ ଅନେକ ଚର୍ଚ୍ଚା କରିଥିଲେ । ସଭା ପରିଚାଳନା ଓ ସଂଯୋଜନା କରିଥିଲେ ଶ୍ରୀ ମଦନ ମୋହନ ମହାପାତ୍ର । ସମ୍ମାନିତ ଶ୍ରୀ ଶେଷଦେବ ମହାଶୟ ବିଦାୟଣୀ ପାଠ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ସଂଖ୍ୟାରେ ଲେଖକ, କବି, ଶିକ୍ଷାବିତ୍, ଓ ଅନ୍ୟ ବ୍ୟକ୍ତି ବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଥିଲେ ।

ନୂତନ ଜିଲ୍ଲା ଗଠନ ପ୍ରସ୍ତାବିତ ତାଲିକାରେ ଧର୍ମଗଡ ସାମିଲ

ଭବାନୀପାଟଣା, ୨୧/୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାରେ ଧର୍ମଗଡ ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବୀରେ ପୂର୍ବରୁ ଅନେକ ସମୟରେ ନୂତନ ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟି ତଥା ବିଭିନ୍ନ ସଂଗଠନ ପକ୍ଷରୁ ଦାବୀ କରାଯାଇ ଆସୁଅଛି । ଏହି ନୂତନ ଧର୍ମଗଡ ଜିଲ୍ଲା ଗଠନକୁ ନେଇ ଅଂଚଳ ବାସୀଙ୍କ ପକ୍ଷରୁ ମଧ୍ୟ ପୂର୍ଣ୍ଣ ସମର୍ଥନ ଦର୍ଶାଇବା ଦେଖାଦେଇଛି । ବର୍ତମାନ ଓଡିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ବିଧାନ ସଭାରେ ନୂତନ ଜିଲ୍ଲା ଗଠନକୁ ନେଇ ଉତର ରଖିବା ସହ ପ୍ରସ୍ତାବିତ ତାଲିକାରେ ଧର୍ମଗଡ ସାମିଲ୍ ରହି ଥିବାରୁ ଧର୍ମଗଡ ଅଂଚଳବାସୀଙ୍କ ମଧ୍ୟରେ ନୂତନ ଜିଲ୍ଲା ଗଠନ ହେବା ନିଶ୍ଚିତ ନେଇ ଆଶାର ସଂଚାର

ଶୁଭାରମ୍ଭ
ସେଠୋ ଆରମ୍ଭ
SETHO ARAMBHA
ରବିବାର, ୨୨ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ପୋଖରୀ ଖୋଳା ନାମରେ ଚାଲିଥିଲା ଚୋରାପଥର ଖାଦାନ
ହସ୍ତକ୍ଷେପ କଲେ ସାଂସଦ ପ୍ରତାପ ଷଡଙ୍ଗୀ, ଦୁଇ ପକ୍ଷିନ୍ନ ଜବତ

ନୀଳଗିରି, ୨୧/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ଏକମାତ୍ର ଲଘୁଖଣିଜ ସମ୍ପଦର ଇଣ୍ଡାନ ନୀଳଗିରିରେ ମାଫିଆଙ୍କ ଲୁଟତରାଜ ବଢ଼ିବା ସହିତ ଆତଙ୍କବାଦ ଚାଲିଛି । ଅହରହ ୨୪ଘଣ୍ଟା ଚୋରାରେ ପଥର, ମୋରମ, ମାଟି ଲୁଟ କରାଯାଉଛି । ସ୍ଥାନୀୟ ପ୍ରଶାସନ ସବୁଦେଖି ଆଖିରେ ଅନ୍ଧଗୁଡୁଳି ବାନ୍ଧି ହାତଦେଖି ବସିଛି । ଫଳରେ ରାଜ୍ୟ ରାଜକୋଷର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛି ।ଏସବୁ ଖବର ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନଜରକୁ ଆସିବା ପରେ ଶନିବାର ଦିନ ଅପରାହ୍ନ ପ୍ରାୟ ୪ଟା ସମୟରେ ଅଚାନକ ମହିଷାପଟା ପଂଚାୟତର ଜମ୍ବୁରୁଗାଟିରେ ପୋଖରୀଖନନ ଆଳରେ ଏକ ପଥରଖାଦାନ ଉପରେ ଚଢାଉ କରିଥିଲେ ସାଂସଦ ପ୍ରତାପ ଷଡଙ୍ଗୀ । ଚଢ଼ାଉ କରିବାକୁ ଯାଇଥିବା ବେଳେ ସତେ ଯେପରି ଏଠାରେ ସରକାରୀ ସ୍ୱୀକୃତିପ୍ରାପ୍ତ ଖାଦାନ ଭଳି ଲାଗିଲା । ତାଙ୍କ ସହିତ ଖଣିବିଭାଗର ଅଧିକାରୀ, ପୋଲିସ ଓ ବନବିଭାଗର ଅଧିକାରୀ ଯାଇଥିଲେ । ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ବୁଲନ୍ତି ବଡ଼ ପକ୍ଷିନ୍ନ ଜବତ କରି ଥିବା ଜଣାଯାଉଛି । ଏପରିକି ମାଫିଆମାନେ ବୁଲ୍ଡ଼ିଂ କରିବା ପାଇଁ ଜିଲୋଟିନ ଏବଂ ତାର ମଧ୍ୟ ସଂଯୋଗ କରିଦେଇଥିଲେ । ଏସବୁକୁ ମଧ୍ୟ ଜବତ କରାଯାଇଛି । ସୂତନାରୁ ଜଣାଯାଇଛି, ତମ୍ବୁରୁଗାଟିରେ ଥିବା ଏକ ପୋଖରୀର ପୁନଃଉଦ୍ଧାର ପାଇଁ ୨୦୨୫/୨୬ଆର୍ଥିକବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା । ଫଳକ ମରାଯାଇ କାମ ବାହାନାରେ ବନବିଭାଗ ନିଜରୁଣ୍ଡ ଅନୁମତି ଆଣିଥିଲେ । ଯେହେତୁ ଉକ୍ତ ଜାଗାଟି ବନବିଭାଗ ଅଧିକାରେ ଅବସ୍ଥିତ । ପୋଖରୀର ସାମାନ୍ୟ ଏକ କୋଣ ବନ ବିଭାଗ ଅଧିକରେ ଆସୁଥିବାବେଳେ, ଅନୁମତି ମାଗିଥିଲେ । ଡିଏଫଓ ମଧ୍ୟ ଅନୁମତି ଦେଇଥିଲେ । ମାତ୍ର ପଥର ମାଫିଆ ମାନେ ପୋଖରୀକୋଣ ଖନନ ଆଳରେ ଏକ ବିରାଟ ପଥରଖାଦାନ ଜରି ଲକ୍ଷଲକ୍ଷ ଟଙ୍କାର ପଥରଚୋରାକରି ନେଇଯାଇଥିବା ଦେଖାଯାଉଛି । ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନିଜଚରେ ଏସବୁ ତଥ୍ୟ ଥିବା ବେଳେ, ସ୍ଥାନୀୟ ଅଧିକାରୀଙ୍କ ନିକଟରେ କିପରି ନ ଥିଲା ତାହା ସମଝୁଙ୍କୁ ଆଶ୍ଚର୍ଯ୍ୟ କରିଛି । ସ୍ଥାନୀୟପ୍ରଶାସନ ଯେଉଁ କାମ କରିପାରିନଥିଲା, ତାହାକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ କରି ଦେଖାଇଛନ୍ତି । ଏହି ଚଢାଉରେ ସାଂସଦଙ୍କ ସହିତ ବାଲେଶ୍ୱର ଖଣିଅଧିକାରୀ ଜଗନ୍ ବେହେରା, ନୀଳଗିରି ଖଣିଅଧିକାରୀ ଜଗନ୍ନାଥ ଦାସ, ସମିତି କୁମାର ମଣି, ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ନୀଳଗିରି ରେଞ୍ଜଅଧିକାରୀ ମନଖିର ଖାଁ, ମିତ୍ରପୁର ଫରେଷ୍ଟର ମଞ୍ଜୁଳତା ପ୍ରଧାନ ପ୍ରମୁଖ ସାମିଲଥିଲେ । ତେବେ ଖବର ଲେଖାଯେବେ ବେଳକୁ ପକ୍ଷିନ୍ନ ଦୁଇଟିକୁ ଥାନାକୁ ଅଣାଯାଇଥିବା ବେଳେ ମାଲିକଙ୍କ ବିରୋଧରେ କେସ ରୁଜୁ କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି ।

ଗଣେଶ ମନ୍ଦିର ନିର୍ମାଣ ପାଇଁ ଭିତି ପ୍ରସ୍ତର ସ୍ଥାପନ ଏବଂ ଭୂମିପୂଜନ

ବାଲିଆପାଳ, ୨୧/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ଖରଡାପାଳ ସ୍ଥିତ ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରୀ ଗଣେଶଙ୍କ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଭିତି ପ୍ରସ୍ତର ସ୍ଥାପନ ଏବଂ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ସମ୍ପୂର୍ଣ୍ଣ ଅନୁଦାନରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ ବୋଲି ମନ୍ଦିର କମିଟିର ସଭାପତି ବୃଜକିଶୋର ଭୂୟାଁ ସୂଚନା ଦେଇଛନ୍ତି । ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରଦ୍ଧାପତିଙ୍କ ମନ୍ଦିର ସମେତ ମାଳବେଳ ମନ୍ଦିର, ମା ଲକ୍ଷ୍ମୀ, ମା ବିଶ୍ୱକାଳୀ ମନ୍ଦିର ରହିଛି । ଏହି ମନ୍ଦିର ନିର୍ମାଣ ହେଲେ ଶ୍ରଦ୍ଧାଳୁ ମାନେ ଗଣେଶଙ୍କର ଦର୍ଶନ କରିପାରିବା ସହିତ ଶ୍ରଦ୍ଧା କ୍ଷେତ୍ରରେ ସୌନ୍ଦର୍ଯ୍ୟ ମଧ୍ୟ ଦ୍ୱିଗୁଣିତ ହେବ ବୋଲି ଡ଼ ତ୍ରିପାଠୀ କହିଛନ୍ତି । ଶ୍ରଦ୍ଧାକ୍ଷେତ୍ରର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠିଙ୍କ ଦ୍ୱାରା ଭୂମିପୂଜା କରାଯାଇଥିଲା । ମନ୍ଦିରର ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ, ମଧୁସୂଦନ ବାଗିଚ, ମଧୁସୁଦନ ସାହୁ, ପ୍ରାଣନାଥ ସେଠି, ଜାଳୀଚରଣ ଦେ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ବିଦ୍ୟା କାମ ମହାନ୍ତିଙ୍କ ସମେତ ଅନ୍ୟ ପୂଜକ ରବିନାରାୟଣ ପାଠି, ବଳଦେବ ପଣ୍ଡା, ସମ୍ବୁନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱର୍ଗତ ବରେନ୍ଦ୍ର ପଢିଆରୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୨୧/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଂଚାୟତ କିକରପଡା ଗ୍ରାମର ସ୍ୱର୍ଗତ ବରେନ୍ଦ୍ର ପଢିଆରୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ଚାରଣ ସଭା ତାଙ୍କ ବାସଭବନରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାକୁ ପଣ୍ଡିତ ଅନାଦି କୁମାର ପଣ୍ଡା ସଂଚାଳନ କରିଥିଲେ । ସଭା ପ୍ରାଙ୍ଗଣରେ ବରେନେଶ ବ୍ୟକ୍ତି ବିଶେଷ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ବୁଜ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସ୍ମୃତି ଚାରଣ ସଭାରେ ମହେନ୍ଦ୍ର ପଢିଆରୀ, ଅମରେନ୍ଦ୍ର ପଢିଆରୀ, ଅନୁସୟା ପଢିଆରୀ ,ଦୁର୍ଗା ମଣି ପଢିଆରୀ, ମାୟାଧର ପରିଡା, ବିଜତନ ପରିଡା, ହୃଷୀକେଶ ଗୋଛାୟତ, ସୁଜାତି ପରିଡା, ସୁନନ୍ଦା ଗୋଛାୟତ, ସୁମତୀ ପରିଡା,ମାନସ ପଢିଆରୀ, ସିପ୍ରୁନ ପଢିଆରୀ,ମାମା ପଢିଆରୀ, ପ୍ରୀୟବ୍ରତ ପଣ୍ଡା,ନରସିଂହ ବିଶ୍ୱାଳ, ମାୟାଧର ପରିଡା,ଶଶଧର ପରିଡା, ନଳିନୀ ଲାଲ ପାଢୀ, ଅଜୟ କୁମାର ଦାସ, ବେଣୁଧର ଗିରି, ଶ୍ରୀ ପତି ସାହୁ, ଚନ୍ଦ୍ରଧର ଗିରି, ରବିନ୍ଦ୍ର ପାଣିଗ୍ରାହୀ, ରଞ୍ଜନ କୁମାର ପଣ୍ଡା, ତ୍ରିଲୋଚନ ନାୟକ, ଗୋପିନାଥ ବେହେରା, ଶ୍ରୀପତି ସାହୁ, ବେଣୁଧର ଗିରି,ବିଶ୍ୱମର ଜେନା, ଅର୍ଜୁନ ମହାନ୍ତି , ଜୟେନ୍ଦ୍ର ମିଶ୍ର, ଗୋପିନାଥ ବେହେରା, ଦିବାକର ସାମନ୍ତରାୟ ପ୍ରମୁଖ ଅତିଥି ମାନେ ଯୋଗଦେଇ ସ୍ୱର୍ଗତ ପଢିଆରୀ ଜଣେ ବରଦୀ ମଣିଷ, ମିଷ ଲାଖୀ, ଅନୁଷ୍ଠାନ ପ୍ରେମୀ ଥିଲେ ବୋଲି କହିଥିଲେ ।

ଘରେ କଳାକନା ବୁଲାଇଲା ଦୁର୍ବୃତ୍ତ, ତଦନ୍ତ ପରେ ବି ଭୋଗରାଇ ପୋଲିସର ହାତ ଖାଲି

ଭୋଗରାଇ, ୨୧/୦୨ (ଆ.ପ୍ର) : ଭୋଗରାଇ ବ୍ଲକ ଦେଉଳୀ ପଂଚାୟତର ସେହି ଗ୍ରାମର (ଅଭୟମଲ) ସୁରେନ୍ଦ୍ର ରାଉତଙ୍କ ବାସଭବନରେ ବିଜୟିତ ରାତିରେ ଚୋରି ହୋଇଥିବା କେଜି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏନେଇ ଭୋଗରାଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କେସ ନମ୍ବର ୩୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂତନା ଦେଇଛନ୍ତି । ଘଟଣାରୁ ପୁରାଣ, ଦେଉଳୀ ଗ୍ରାମର ସୁରେନ୍ଦ୍ର ରାଉତ ଓ ତାଙ୍କ ପରିବାର ରାତିରେ ଖାଇ ପିଇ ଶୋଇଥିଲେ । ରାତିରେ କେହି ଦୁର୍ବୃତ୍ତ ଗ୍ରୀଲ ତାଲା ଭାଙ୍ଗି କବାଟ ଶିକୁଳି ଡାଙ୍ଗି ଘରେପଶି ୪୦ ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର ୨୦୦ ଗ୍ରାମ ରୁପା ଅଳଙ୍କାର ଓ ନଗଦ ୬୦ ହଜାର ଟଙ୍କା ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ଚୋରି କରି ନେଇଯାଇଥିବା ଜଣାପଡ଼ିଛି ।

ବାଲିଆପାଳ ବ୍ଲକ ବିଜେଡ଼ି ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ, ୨୧/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବିଜୁଜନତା ଦଳରେ ପୂର୍ବବାର ବାଲିଆପାଳ ବ୍ଲକ ସଭାପତି ଭାବରେ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ଏନେଇ ଶନିବାର ବାଲିଆପାଳ ବିଜେଡି କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତା ସଭାପତି ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଶ୍ରୀ ଦାସ ଜଣେ ଶିକ୍ଷାବିତ, ସମାଜସେବୀ ଭାବରେ ବେଶ ପରିଚିତ । ପୂର୍ବବାର ତାଙ୍କୁ ସଭାପତି ଭାବେ ଚୟନ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରବିନ୍ଦ୍ର ଜେନା, ବପ୍ପା ବିଧାୟିକା ସୁଚରିତା ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ବେଣୁଧର ଜେନା, ନିଶାକର ସେଠି, ବରିଷ୍ଠ କର୍ମକର୍ତା ଅଜୟ ସାମଲ, ହରେକୃଷ୍ଣ ଜେନା, ମନୁଥ ବାଗିଚ, ମନୁଥ ଗିରି, ସାର୍ଥକ ରଣଜିତ, କମୋକ ଲୋଚନ କର, ପିତାମ୍ବର ପ୍ରଧାନ, ଲକ୍ଷ୍ମୀ କାନ୍ତ ଦେ, ସପନ କୁମାର ଦାସ ହେମନ୍ତ ଗିରି, ପ୍ରମୁଖ ଉପସ୍ଥିତ ଥିଲେ ।

ଉଦ୍ୟାନ ବିଭାଗ କାର୍ଯ୍ୟ ନିରୀକ୍ଷକ ମୃତ୍ୟୁ

ସିମୁଳିଆ, ୨୧/୦୨ (ଆ.ପ୍ର) : ସିମୁଳିଆ ବ୍ଲକ ଉଦ୍ୟାନ ବିଭାଗର କାର୍ଯ୍ୟ ନିରୀକ୍ଷକ ଡ଼ମ୍ବରଧର ନାୟକ(୫୧)ବର୍ଷଙ୍କ ଘରେ ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ଆଜି ଅପରାହ୍ନ ସମୟରେ ଖାଇପିଇ ଘରେ ଶୋଇଥିବା ସମୟରେ ଅସୁସ୍ଥ ଅନୁଭବ କରିବା ସହ ବାନ୍ତି କରିଥିଲେ । ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ଅଟୋ ସାହାଯ୍ୟରେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଇଁସା ନିମନ୍ତେ ଭର୍ତ୍ତି କରିଥିଲେ । ମାତ୍ର କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

ବାଲିଆପାଳ , ୨୧/୦୨ (ଆ.ପ୍ର) : ବପ୍ପା ୬୦ ନମ୍ବର ଜାତୀୟ ରାଜପଥ ଦଣ୍ଡିକା ନିଇଁସରେ ଶୁକ୍ରବାର ରାତିରେ ଜଣେ ବାଇକ ଅରୋହିକୁ ଏକ ବାଇକ ବୋଲେରୋ ଟ୍ରକ ପଛରୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ବାଇକ ଆରୋହୀର ମୃତ୍ୟୁ ହୋଇ ଯାଇଛି । ମୃତ ଯୁବକ ଜଣକ ହେଲେ ବାଲିଆପାଳ ଥାନା ଅନ୍ତର୍ଗତ ବାଲିଆପାଳ ମୁସଲମାନ ବସ୍ତିର ସେକ ସାମୁଲ ଙ୍କ ବଡ଼ ପୁତ୍ର ସେକ ଅଜୁ । ଅଜୁ ଦୀର୍ଘ ବର୍ଷ ଧରି ବାଲିଆପାଳ ଓ ବପ୍ପା ଅଂଚଳରେ କେସିବି ଓ ଟ୍ରାକ୍ଟର ଯୋଗେ ଲୋକଙ୍କୁ ମାଟି ଯୋଗାଇ ଆସୁଥିଲେ । ଶୁକ୍ରବାର ସେ ବପ୍ପା ଅଂଚଳରେ କେସିବି ଯୋଗେ ମାଟି ଖୋଳୁଥିଲା । ରାତିରେ ଢାଇଭର ମାନଙ୍କ ପାଇଁ ଖାଇବା ନେବାକୁ ଆସୁଥିବା ବେଳେ ଏକ ଚଳନ୍ତି ବୋଲେରୋ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇ ଭାରରେ ଚଢ଼ି ଯାଇଥିଲା ଯାହା ଫଳରେ ରଷ୍ଟିରୁ ମୁଣ୍ଡ ଅଲଗା ହୋଇ ଯାଇଥିଲା । ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଗାଡି ଛାଡି ଫେରାର ହୋଇଥିବା ବେଳେ ଜାତୀୟ ରାଜପଥ ଟେଟ୍ରୋଲିଂ ଭ୍ୟାନ ଏବଂ ବପ୍ପା ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗାଡି ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ସାହିତ୍ୟ ଚର୍ଚ୍ଚା
ବିଶ୍ୱସ୍ତରୀୟ: ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ



ନୀଳଗିରି, ୨୧/୦୨ (ଆ.ପ୍ର) : ନରଜିନ୍ଦ୍ରର ପ୍ରଥମ ଓଡିଆ ଅଷ୍ଟିତ୍ୱବାଦୀ ଉପନ୍ୟାସ । ବୈରାଗ୍ୟବୋଧ ଭାରତବର୍ଷର ପ୍ରାଚୀନ ପରମ୍ପରା । ବୈରାଗ୍ୟରୁ ବିରାଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ନରଜିନ୍ଦ୍ରର ଆତ୍ମାର ବାଣୀ । ଅତିମାନବୀୟ ଚେତନା ନରଜିନ୍ଦ୍ରର କଥାବସ୍ତୁ ଅଟେ । ନରଜିନ୍ଦ୍ରର ଲୁପ୍ତକାତ୍ମକ ଉପନ୍ୟାସ ଅଟେ । ଉକ୍ତ ଉପନ୍ୟାସରେ ଅଚେତନ କାହାଣୀ ସଂଯୋଜିତ ହୋଇଛି । ନିର୍ଦ୍ଦିଷ୍ଟ ଭୂଖଣ୍ଡ ଓ ସମୟଖଣ୍ଡ ଉକ୍ତ ଉପନ୍ୟାସରେ ନାହିଁ । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ନରଜିନ୍ଦ୍ରରେ ଅଛି । ପ୍ରାଚ୍ୟବାଦ ନରଜିନ୍ଦ୍ରର ପୃଷ୍ଠଭୂମି । ସାମ୍ୟବାଦ କବାଡି ମାନବୀୟ ସମାଜର ସମସ୍ୟା ମୂର୍ତ୍ତେ । ସାମାଜିକ ସଂସେଦନ ମନସ୍ତତ୍ତ୍ୱ ଉପନ୍ୟାସର ମୁଖ୍ୟ କଥାବସ୍ତୁ । ସମଗ୍ର ଉପନ୍ୟାସରେ କ୍ଷୁଧାକୁ ଖୋଳା ଯାଇଛି । ସେଟର କ୍ଷୁଧା ପରେ ମନର କ୍ଷୁଧା ଖୋଜେ ନଶିଷ । ଅସ୍ତିତ୍ୱର ଉଦ୍ଦେଶ୍ୟ ହେଉଛି ଅନ୍ୱେଷଣକୁ ସାର୍ଥକ କରିବା । ସର୍ବୋପରି ଶାନ୍ତନୁ ଆଚାର୍ଯ୍ୟଙ୍କ କୌତୂହଳ ପାଠକଙ୍କୁ ବିସ୍ମିତ କରେ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୯୨ ତମ ଆଲାସୀ ପାଠଚକ୍ରରେ 'କାଠ କ୍ୟାବିନ ଓ ନରଜିନ୍ଦ୍ରର' ଶୀର୍ଷକ ପାଠଚକ୍ରରେ ଅତିଥି ସ୍ୱନାମ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ଆଲୋଚକ ବିଜେଡି ସ୍ୱନାମଧନ୍ୟ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଖୀରୋଦ ଚନ୍ଦ୍ର ବେହେରା ଓ ଭାଷାବିତ୍ ନବବର ଶତପଥୀ ଆଲୋଚନା ମାଧ୍ୟମରେ ପ୍ରକାଶ କରିଥିଲେ । ପ୍ରାଚାର୍ଯ୍ୟରେ ପରିଚାଳକ ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଥିବାବେଳେ ଶେଷରେ ଗଚେତ୍ରୀଙ୍କ ଅର୍ଚ୍ଚନା ମହାପାତ୍ର ଆଲୋଚକଗଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଅନ୍ୟ ଉପସ୍ଥିତ ଶ୍ରୋତା ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ଆସର ଅତ୍ୟନ୍ତ ହୃଦୟଗ୍ରାହୀ ହୋଇପାରୁଛି ବୋଲି ଶ୍ରୋତାଙ୍କ ପ୍ରତିକ୍ରିୟା ହେଉଛି । ଏଥି ଆସରରେ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ ।

ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ

ସିମୁଳିଆ, ୨୧/୦୨ (ଆ.ପ୍ର) ସଭ୍ୟଙ୍କ ଶ୍ୱାସ ଜନିତ ରୋଗରେ ଆରପାରାରେ । ସୂତନାରୁ ପ୍ରକାଶ ବାଲେଶ୍ୱରପଂଚାୟତର ବଲିଯେଣ୍ଟି (୭୯)ବର୍ଷ, କିଛିଦିନ ଧରି ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ । ଆଜି ତାଙ୍କର ମୃତ୍ୟୁ ହୋଇଛି । ଶେଷ ସମୟରେ ସ୍ତ୍ରୀ, ଦୁଇ ପୁତ୍ର, ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ । ସେ ୨୦୦୭ମସିହାରୁ ୨୦୧୨ମସିହା ପର୍ଯ୍ୟନ୍ତ ସମିତି ସଭ୍ୟ ଭାବେ ନିଜର କାର୍ଯ୍ୟ ସୁଚାରୁ ରୂପେ ତୁଲାଇ ଥିଲେ । ଶ୍ରୀ ସାମଲ ଜଣେ ଅଂଚଳରେ ଗୁ ସଂଗଠକ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଂଚ ଧରଣୀଧର ନାୟକ, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ଏଥିସହ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପଣ୍ଡିଗ୍ରାହୀ ଖବର ପାଇ ତାଙ୍କ ଅନ୍ତର ଆତ୍ମାର ସଦଗତି କାମନା କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା ବସନ୍ତ କୁମାର ଶତପଥୀଙ୍କ ଶ୍ରାଦ୍ଧୋତ୍ସବ

ବାଲେଶ୍ୱର, ୨୧/୦୨ (ଆ.ପ୍ର) : କବିତୀର୍ଥ ଶାନ୍ତିକାନନ ଠାରେ ଫକୀର ମୋହନ ସାହିତ୍ୟ ପରିଷଦ ତରଫରୁ ବିଶିଷ୍ଟ କଥାକାର ବସନ୍ତ କୁମାର ଶତପଥୀଙ୍କ ଶ୍ରୀଶତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ପରିଷଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ବିଭାଗ ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ନାୟକ କହିଥିଲେ ଯେ ବ୍ୟକ୍ତିତ୍ୱ ଶୋଭାର ପ୍ରତିଫଳନ ହିଁ ବସନ୍ତୀୟ ରଙ୍ଗ ଚେତନାର ମୂଳ ଉତ୍ସ । ସଭାପତି ଡକ୍ଟର ପାତ୍ର କହିଥିଲେ ଯେ ଦୁଃଖ ଯନ୍ତ୍ରଣାକୁ ପାଏଗାଡିବା ପାଇଁ ବେଦନା ଭିତରେ ରଙ୍ଗ ଓ ରମ୍ୟାରଚନା ହୋଇଥିଲା ବସନ୍ତ ଶତପଥୀଙ୍କ ଜୀବନର ଯେପରି । ପରିଷଦର ସମ୍ପାଦକ ଡକ୍ଟର ରାଜାକର ସିଂହ ନିଜର ପ୍ରାକ୍ କଥନରେ ଉଲ୍ଲେଖ କରିଥିଲେ ଯେ ହାସ୍ୟରସ ତାଙ୍କ ରଚନାର ଦୃଶ୍ୟମାନ ଦିଗ ହେଲେ ହେଁ ରଚନାର ଅନ୍ତଃସ୍ଥଳରେ ଜୀବନ-ଜଗତ-ମଣିଷ ପ୍ରତି ଦରଦ ପ୍ରତିଫଳିତ ହୋଇଛି । ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ସାରସ୍ୱତ ସାଧକ ଏବଂ ବସ

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୨୨ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ମୂଲ୍ୟବୋଧ

ଆଦର୍ଶବାଦ ହେଉଛି ସର୍ବ ପ୍ରାଚୀନ ଏବଂ ବହୁଜନ ବର୍ଚ୍ଚିତ ମତବାଦ । ପ୍ଲାଟୋ ହେଉଛନ୍ତି ଆଦର୍ଶବାଦ ର ଜନକ । ଆଦର୍ଶବାଦ ର ଅର୍ଥ ହେଲା ' ଆଦର୍ଶ' ବା 'ଧାରଣା' । ପ୍ରତ୍ୟେକ ମନୁଷ୍ୟ ଏକ ମାନସିକ ଶକ୍ତି ଧାରଣ କରିଥାଏ । ଏହି ମାନସିକ ଶକ୍ତି ତାର ସମସ୍ତ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରେ । ବିଶିଷ୍ଟ ଆଦର୍ଶବାଦ ପ୍ଲାଟୋଙ୍କ ମତରେ ମନୁଷ୍ୟ ମନ ଭିତରେ ଯାହା ରହିଛି ତାହା ହିଁ ଧାରଣା । ଏହି ଧାରଣା ଟି ଏତେ ସହଜରେ ଯେ କୌଣସି ପରିସ୍ଥିତି ରେ ପରିବର୍ତ୍ତନଶୀଳ ନୁହେଁ । ଧାରଣା ଟି ପ୍ରକୃତ, ବାସ୍ତବ ଏବଂ ଚିରନ୍ତନ । ମାନେ କରାଯାଉ ଏକ ଶିକ୍ଷାର୍ଥୀ ମନରେ ଜଣେ ଶିକ୍ଷକଙ୍କ ପ୍ରତି ଏକ ଧାରଣା ଜାଗ୍ରତ ହେଲା ଯେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଏବଂ ସେ ହିଁ ଉତମ ଶିକ୍ଷକ । ଏହି ଧାରଣା ଟି ସୃଷ୍ଟି ହେବାର ଅର୍ଥ ହେଲା ଯେ ଶିକ୍ଷକ ଙ୍କର ଚାଳିଚଳନ, ଭାବଭଙ୍ଗୀ, କଥାବାର୍ତ୍ତା,ଶିକ୍ଷାଦାନ ଶୈଳୀ, ବେଶପୋଷକ ରେ ଶିକ୍ଷାର୍ଥୀ ଟି ଅନୁପ୍ରାଣିତ । ଶିକ୍ଷାର୍ଥୀ ଟି ଯଦି ମାନସିକ ଭାବେ ନିଜ ଆଦର୍ଶ ଶିକ୍ଷକ ଙ୍କ ଠାରେ ଆଗ୍ରହ କରେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଶିକ୍ଷକ, ସେ ଭଳି ପରିସ୍ଥିତିରେ ଶିକ୍ଷକଙ୍କ ପ୍ରତ୍ୟେକ ଟି କାର୍ଯ୍ୟକୁ ସେ ଅତି ନିକଟରୁ ଅନୁସରଣ କରେ । ଆଦର୍ଶ ଶିକ୍ଷକ ଯେଉଁ ବିଷୟ ପଢ଼େଇବେ ସେ ବିଷୟ ଟି ଶିକ୍ଷାର୍ଥୀ ର ମନଲାଖି ବିଷୟ ହେବ ଏପରିକି ଶିକ୍ଷକଙ୍କ ବେଶପୋଷକ, କଥାବାର୍ତ୍ତା ମଧ୍ୟ ଶିକ୍ଷାର୍ଥୀ ର ହୃଦୟକୁ ସ୍ପର୍ଶ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏଥିପାଇଁ ହେବାର ମୂଳ କାରଣ ହେଉଛି ଶିକ୍ଷାର୍ଥୀର ଶିକ୍ଷକଙ୍କ ପ୍ରତି ଥିବା 'ଧାରଣା' । ଏଠାରେ 'ଉତମ' ହିଁ ଶିକ୍ଷାର୍ଥୀ ର ଧାରଣା । ସମୟ ଆସିପାରେ ହୁଏତ ଶିକ୍ଷକ ଙ୍କ ପାର୍ଶ୍ୱର ଶରୀର ନଥାଇ ପାରେ କିନ୍ତୁ ତାଙ୍କ ପ୍ରତି ଶିକ୍ଷାର୍ଥୀ ମନରେ ଥିବା ଧାରଣାଟିର କେବେ ଅବଶୟ ହୁଏ ନାହିଁ । ସେହିଭଳି ଦେଖିଲେ ଫୁଲର କିଳ୍ପନ୍ତୁ ଘଟିପାରେ କିନ୍ତୁ ତାର ସୌନ୍ଦର୍ଯ୍ୟ ର ନୁହେଁ କିମ୍ବା ବଂଶୀ ଟିଷୟ ହୋଇପାରେ କିନ୍ତୁ ବଂଶୀର ମଧୁର ସ୍ୱର ତେବେଦି ଅବଶୟ ହୋଇପାରେ ନାହିଁ । ଆଦର୍ଶବାଦ ହେଉଛି ସର୍ବ ପୁରାତନ ମତବାଦ । ଆଦର୍ଶବାଦୀ ମାନଙ୍କ ମତରେ ମନୁଷ୍ୟର ଆଧ୍ୟାତ୍ମିକ ପ୍ରକୃତି ସର୍ବଶ୍ରେଷ୍ଠ ଅଟେ । ମନୁଷ୍ୟ ପାଖରେ ଈଶ୍ୱରୀୟ ଗୁଣମାନ ବିଦ୍ୟମାନ କଲୁଥିବାରୁ ମନୁଷ୍ୟ ସର୍ବଦା ଚିରନ୍ତନ ସତ୍ୟ ଉପରେ ଗୁରୁତ୍ୱାରୋପ କରେ । ସେମାନେ ଚିନ୍ତା କରନ୍ତି ସତ୍ୟମ୍, ଶିବମ୍, ସୁନ୍ଦରମ୍। ମିଳମାୟ ସଂସାରରୁ ମୁକ୍ତି ପାଇବାକୁ ହେଲେ ଈଶ୍ୱରଙ୍କ ମାର୍ଗ ଅନୁସରଣ କରିବା ବାଞ୍ଛନୀୟ । ବିଶ୍ୱନିୟନ୍ତା ଙ୍କ ସୃଷ୍ଟି ରେ ମନୁଷ୍ୟ ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ ହୋଇଥିବାରୁ ସମାଜରେ ତାର ସ୍ୱତନ୍ତ୍ରତା ରହିଅଛି । ଜୀବନରେ ବ୍ୟକ୍ତିତ୍ୱର ଉତ୍ତରଣ ହିଁ ଏହି ଦର୍ଶନ ର ମୂଳମନ୍ତ୍ର । ମାନସିକ କ୍ରିୟା ଆଧ୍ୟାତ୍ମିକ, ଭୌତିକ ଠାରୁ ଅଧିକ ବାସ୍ତବତା ଅଟେ । ଆଦର୍ଶବାଦ ସର୍ବଭୌମିକ ମାନରେ ବିଶ୍ୱାସ ସୃଷ୍ଟି କରେ । ଆଦର୍ଶବାଦୀ ମାନଙ୍କ ମତରେ ସଂସାରର ଏକମାତ୍ର ସତ୍ୟ ହେଉଛନ୍ତି ଈଶ୍ୱର, ମନୁଷ୍ୟ ଈଶ୍ୱରଙ୍କ ସୃଷ୍ଟି, ମନୁଷ୍ୟ ଠାରେ ଈଶ୍ୱରୀୟ ଶକ୍ତି ଅଛି , ପାର୍ଥିବ ବସ୍ତୁ ଅପେକ୍ଷା ଆଦର୍ଶ ର ମୂଲ୍ୟବୋଧ କୁ ଗୁରୁତ୍ୱ, ଆତ୍ମଜ୍ଞାନ ହିଁ ପ୍ରକୃତ ଜୀବନ ଯାହା ସତ୍ୟ ଏବଂ ଚିରସ୍ଥାୟୀ ଅଟେ । ଏହି ମତ ଗୁଡ଼ିକୁ ଆଦର୍ଶବାଦ ର ମୌଳିକ ନୀତି ରୂପେ ଅଭିହିତ କରାଯାଏ । ଏହି ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କର ମାନସିକ, ଶାରୀରିକ,ତଥା ଆଧ୍ୟାତ୍ମିକ ବିକାଶ, ସର୍ବଜନୀନ ଶିକ୍ଷା, ସତ୍ୟ, ଶିବ ସୁନ୍ଦର ର ସନ୍ଧାନ, ଶାରୀରିକ ବିକାଶ, ସରଳ ଜୀବନ,ଉଚ୍ଚ ଭାବନା, ସୃଜନଶୀଳତା ର ବିକାଶ ଓ ନୈତିକତା ର ବିକାଶ କରିବା ପ୍ରଧାନ ଲକ୍ଷ୍ୟ ଅଟେ । ଆଦର୍ଶବାଦ ସବୁବେଳେ ସେହି ପାଠ୍ୟକ୍ରମ କୁ ଗୁରୁତ୍ୱ ଦେଇ ଆସିଛି ଯାହାକି ଏକ ବ୍ୟକ୍ତିଙ୍କୁ ଅର୍ଥବୋଧକ ଜ୍ଞାନ ଓ ଦିକ୍ଷାରେ ଯୋଗାଇଥାଏ । ଅନେକ ମତବାଦ ମଧ୍ୟରୁ ଆଦର୍ଶବାଦ ମତବାଦ ଅନୁସାରେ ସତ୍ୟର ସନ୍ଧାନ କେବଳ ଯୁକ୍ତି, ଐଶ୍ୱରିକ ଜ୍ଞାନ ମାଧ୍ୟମରେ ମିଳିପାରିବ । ଆଦର୍ଶବାଦ ଶିକ୍ଷା ର ଲକ୍ଷ୍ୟ ଅନୁସାରେ ଏହାର ପାଠ୍ୟଖସଡ଼ା ଅନ୍ୟସମସ୍ତ ଶିକ୍ଷା ଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ । ଏହାର ସ୍ୱତନ୍ତ୍ରତା ରହିଛି । ଆଦର୍ଶବାଦ ଅନୁସାରେ ଶିକ୍ଷା ବ୍ୟବସ୍ଥାରେ ଗୌଣିକ ଜ୍ଞାନ ପାଇଁ ଭାଷା ସାହିତ୍ୟ, ଭୂଗୋଳ, ଇତିହାସ, ନୈତିକତା, ନୈତିକତା ପାଇଁ ନୀତିଶାସ୍ତ୍ର, ସୌନ୍ଦର୍ଯ୍ୟ ପାଇଁ ସଙ୍ଗୀତ ଓ କୃତ୍ୟ, ଧର୍ମ ସମ୍ବନ୍ଧୀୟ ପାଇଁ ଧର୍ମ ଶାସ୍ତ୍ର, ଶାରୀରିକ ବିକାଶ ନିମନ୍ତେ କ୍ରୀଡା, ବ୍ୟାୟାମ, ମାନସିକ ବିକାଶ ନିମନ୍ତେ କଳାସ୍ଥାପତ୍ୟ , ଲୌକିକସତା ହୀନ ତଥା ବସ୍ତୁ ନିରପେକ୍ଷ ଚିନ୍ତନ ପାଇଁ ଗଣିତ ପାଠ ସ୍ଥିରୀକୃତ କରାଯାଇଛି ।

ବରାହ ଦ୍ୱାଦଶୀ

॥ ଅଲେଖ ଚନ୍ଦ୍ର ସାମଲ ॥

ମାଘ ଶୁକ୍ଳପକ୍ଷ ଦ୍ୱାଦଶୀ ଭଗବାନ ବିଷ୍ଣୁଙ୍କ ପୂଜା ପାଇଁ ଅତି ଶୁଭ ଅବସର । ଏହି ଦ୍ୱାଦଶୀକୁ ଗୋବିନ୍ଦ ଦ୍ୱାଦଶୀ, ଭୀଷ୍ମ ଦ୍ୱାଦଶୀ ଏବଂ ବରାହ ଦ୍ୱାଦଶୀ ଡୋଲି କୁହାଯାଉଥାଏ । ସେହିପରି ମାଘ ମାସ ଶୁକ୍ଳପକ୍ଷ ଏକାଦଶୀକୁ ଭୌମୀ ଏକାଦଶୀ ବା ଜୟା ଏକାଦଶୀ କୁହାଯାଇଥାଏ । ଶ୍ରଦ୍ଧାପୂର୍ବକ ଏହି ଏକାଦଶୀ ବ୍ରତ କଲେ ବ୍ରହ୍ମହତ୍ୟା ଭଳି ପାପରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହି ଏକାଦଶୀ ବ୍ରତ ଦ୍ୱାରା ପିଶାଚ ଯୋନୀରୁ ମଧ୍ୟ ମୁକ୍ତି ମିଳିଥାଏ । ଏହି ଦ୍ୱାଦଶୀ ଦିନ ବ୍ରତ ଧାରଣ କରି ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ନିଃସନ୍ତାନଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ । ଲକ୍ଷ୍ମୀ କୃପା ପ୍ରାପ୍ତି ହୁଏ । ଧନଧାନ୍ୟ ଏବଂ ସୁଖ ମିଳିଥାଏ । ସମସ୍ତ ମନୋଷ୍କାମନା ପୂରଣ ହେବା ସହ ପାପର ବୋଝ କମ୍ ହୋଇଥାଏ । ମାଘ ଶୁକ୍ଳ ଦ୍ୱାଦଶୀର ଅନେକ ପୌରାଣିକ ମହତ୍ୱ ରହିଛି । ସତ୍ୟ ଯୁଗରେ ରାକ୍ଷସ ହିରଣ୍ୟାକ୍ଷ ପୃଥିବୀକୁ ନେଇ ସମୁଦ୍ର ଗର୍ଭରେ ବୁଡ଼ାଇ ଦେଇଥିଲା । ଭଗବାନ ବିଷ୍ଣୁ ବରାହ ରୂପ ଧାରଣ କରି ଏହି ପତିତ୍ର ଦିନରେ ହିଁ ପୃଥିବୀକୁ ଉଦ୍ଧାର କରିଥିଲେ ।

ମହାଭାରତ କାଳରେ ଶରଶଯ୍ୟାରେ ଶୋଇ ରହିଥିବା ପିତାମହ ଭୀଷ୍ମ ମାଘ ଅଷ୍ଟମୀ ତିଥିରେ ଲଛାମୁଦ୍ୟ ଅନୁଯାୟୀ ପ୍ରାଣ ତ୍ୟାଗ କରିଥିଲେ । ତେବେ ଦ୍ୱାଦଶୀ ଦିନ ହିଁ ତାଙ୍କର ତର୍ପଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସେଥିପାଇଁ ଏହାକୁ ଭୀଷ୍ମ ଦ୍ୱାଦଶୀ ମଧ୍ୟ କୁହାଯାଏ । ଏହି ପବିତ୍ର ତିଥିରେ ଭଗବାନ ଲକ୍ଷ୍ମୀନାରାୟଣଙ୍କ ପୂଜା କରିବା ଉଚିତ । ଓଁ ନମଃ ନାରାୟଣାୟ ନମଃ ମନ୍ତ୍ରରେ ଜପ କରିବା ଆବଶ୍ୟକ । ଏହି ଦିନ ସ୍ନାନଦାନ କରିବା ଦ୍ୱାରା ଅଖଣ୍ଡ ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନ ର ଓ ଧର୍ମ ବିଶ୍ୱାସର ବରାହ ଦ୍ୱାଦଶୀ ଏକ ପୁଣ୍ୟତମ ଦିବସ । ଏହି ଦିନ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର ଓ ବିଷ୍ଣୁଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିରୀତି ଅନୁଷ୍ଠିତ ହୋଇଥାଏ । ଏହି ଦିନରେ ଶ୍ରୀଜାଙ୍କଙ୍କ ଦୁର୍ଲଭ ବରାହ ବେଶ ଦର୍ଶନ କରିବାପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଆଗମନ କରିଥାନ୍ତି ।

ପୂର୍ବତନ ଡିଏଫ୍ଓ , ଯଜାଜ, ବାଲିଚନ୍ଦ୍ରପୁର, ଯାଜପୁର

ସମତା, ମମତା ଓ ସ୍ୱତନ୍ତ୍ରତା

॥ ଅଧ୍ୟାପକ ଗୋପବନ୍ଧୁ ॥

ମାନବ ସଭ୍ୟତା ଆଗକୁ ବଢ଼ି ଚାଲିଛି । ଏହାର ବିକାଶ ପଥରେ ବହୁ ପ୍ରତିବନ୍ଧକ ଆସିଛି । ତଥାପି ଏହା ଅଟକି ଯାଇନାହିଁ । ଶ୍ରେଷ୍ଠରୁ ଶ୍ରେଷ୍ଠତର ସନ୍ଧାନରେ ଏହା ଆଗେଇ ଚାଲିଛି । ସଭ୍ୟତା ମନୁଷ୍ୟର ବିଚାରବୁଦ୍ଧି ସମନ୍ୱୟ ସହିତ ଜଡିତ । ବିଚାରବୁଦ୍ଧି ସମନ୍ୱୟ ଯେଉଁପରି ଗତିଶୀଳ, ସଭ୍ୟତା ମଧ୍ୟ ତଦନୁଯାୟୀ ଗତିଶୀଳ । ମନୁଷ୍ୟର ବୁଦ୍ଧିବିବେକ ଯାହାକୁ ଗଢିବ ଓ ମନୁଷ୍ୟ ସମାଜକ ଦିଗେଣ୍ଡୁ ବୋଲି ଗ୍ରହଣ କରିନିଏ, ତାହୁଁଣି ଅନୁସରଣ କରିବା ଆରମ୍ଭ କରେ । ଯେତେବେଳେ ସଂଖ୍ୟାଧିକ ଲୋକ ଏହି ସମାନ ବିଚାରଧାରାକୁ ଅନୁସରଣ କରିବା ଆରମ୍ଭ କରନ୍ତି, ତାହା ସଭ୍ୟତାର ଅଂଶବିଶେଷ ହୋଇଯାଏ । ଅବଶ୍ୟ ଏହି ସ୍ତରରେ ପହଞ୍ଚିବା ପାଇଁ ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡେ । ଏହା ବୌଦ୍ଧିକ ସଂଘର୍ଷ ହେଲେବି ବେଳେବେଳେ ରକ୍ତାକ୍ତ ସଂଘର୍ଷର ରୂପ ନେଇଥାଏ । ସଭ୍ୟତାର ବିକାଶ ପଥରେ ବହୁ ସଂଘର୍ଷ ହୋଇଛନ୍ତି । ଏହା ବହୁ ଶତାବ୍ଦୀ ଧରି ଚାଲିଛି । ବହୁ ମାନବ ମନ୍ଥନ ହୋଇଛି । ସଭ୍ୟତାର ମାପକାଠି ଭଣ୍ଡ ହେବ ? କାହାକୁ ସଭ୍ୟତା କୁହାଯିବା ? ଗୋଟିଏ ସଭ୍ୟ ସମାଜର ଅତ୍ୟାବଶ୍ୟକ ଉପାଦାନ ଗୁଡ଼ିକ କଣ ହେବ ? ଏହାକୁ ନେଇ ତର୍କବିତର୍କ ହୋଇଛି । ବହୁ ଚିନ୍ତନ ଲେଖନୀ ଚାଳନା କରିଛନ୍ତି । ବହୁ ସମାଜ ସଂସ୍କାରକ ଅଭିଜ୍ଞତାର ମାଧ୍ୟମରେ ଲୋକଙ୍କୁ ଏ ବିଷୟରେ ବୁଝାଇଛନ୍ତି । କଳାଭାସ୍କର୍ଯ୍ୟର ଶ୍ରେଷ୍ଠତା ପ୍ରଦର୍ଶନ ମାଧ୍ୟମରେ ଏହାର ଅନୁକ୍ଷଣ ହୋଇଛି । ନାଟକର ସଂଭାପରେ ଓ ସଙ୍ଗୀତର ରାଗିଣୀରେ ଏହାକୁ ଅନୁଭବ କରିବାର ଚେଷ୍ଟା ହୋଇଛି । ଅଧିକାର ପାଇଁ ଲଢେଇ କରୁଥିବା ସଂଗ୍ରାମୀଙ୍କ ସ୍ଲୋଗାନରେ ଏହା ପ୍ରତିଧ୍ୱନିତ ହୋଇଛି । ଅବଚେତନରେ ସଭ୍ୟତାର ତିନୋଟି ଗୁଣ ଉଲ୍ଲାସିତ ହୋଇଛି । ସେଗୁଡ଼ିକ ହେଉଛି ସମାନତା (ଇକୁଆଲିଟି), ସ୍ୱତନ୍ତ୍ରତା (ଲିବର୍ଟି) ଓ ଭାତୃତ୍ୱଭାବ (ଫ୍ରେଟାରନିଟି) ।

ଯେଉଁ ସମାଜରେ ଏହି ତିନୋଟି ଉପାଦାନ ନାହିଁ ତାହାକୁ ଏକ ସୁସଭ୍ୟ ସମାଜ ବୋଲି କହିହେବ ନାହିଁ । ଏଗୁଡ଼ିକ ମନୁଷ୍ୟର ଅନ୍ତର୍ନିହିତ ଗୁଣ ଯାହା ସାମାଜିକ ବ୍ୟବହାରରେ ପ୍ରକାଶିତ ହୋଇଥାଏ । ଏହି ଗୁଣ ବୃତ୍ତିକ ମନୁଷ୍ୟକୁ ଅନ୍ୟାନ୍ୟ ପ୍ରାଣୀ ଠାରୁ ପୃଥକ କରିଥାଏ ଓ ମନୁଷ୍ୟାତ୍ୱ ଶ୍ରେଷ୍ଠତା ପ୍ରଦାନ କରେ । ଏଗୁଡ଼ିକ ମାନବୀୟ ମୂଲ୍ୟବୋଧ ସହିତ ଜଡିତ । ଯାହାର ମନରେ ଏହି ଗୁଣ ଗୁଡ଼ିକ ସମ୍ବନ୍ଧରେ ଅବଧାରଣା ନାହିଁ, ସେ ଜଣେ ସଭ୍ୟ ମନୁଷ୍ୟଭାବେ ବିବେଚିତ ହୋଇପାରିବ ନାହିଁ । ସଭ୍ୟତା କେବଳ ଚାଳଚଳନ ଘର ଓ ଦାମୀ ପୋଷାକ ପରିଚ୍ଛଦରେ ନଥାଏ । ଏହା ଏକ ଅନ୍ତର୍ନିହିତ ଭାବନା । ଏହା ଏକ ଗୁଣାତ୍ମକ ଲକ୍ଷଣ । ଜଣେ ହତ୍ୟାକାରୀ ଅଥବା ଡକାଇତ ସୁଗମ୍ୟ ଅଟ୍ଟାଳିକା ମଧ୍ୟରେ ଚାଳଚଳନ ପରିବେଶ ଭିତରେ ରହୁଥାଇପାରେ, କିନ୍ତୁ ତାକୁ କଦାପି ସଭ୍ୟ ମନୁଷ୍ୟ ବୋଲି କୁହାଯାଇ ପାରିବ ନାହିଁ । ଜଣେ ଗରିବ ଲୁଚିଆ ଘରେ ରହୁଥିଲେ ବି ସେ ତାର ଉତମ ବ୍ୟବହାର ଓ ଏହି ମାନବୀୟ ଗୁଣ ଗୁଡ଼ିକର ଅନୁସରଣ କରିଥାରେ ସୁସଭ୍ୟଭାବେ ବିବେଚିତ ହେବା ସ୍ୱାଭାବିକ ।

ୟୁରୋପରେ ଆରମ୍ଭ ହୋଇଥିବା ରେନାସାନ୍ସ ଅନ୍ଧିମ ବର୍ଷର ଶେଷ ହେଉଛି ସଭ୍ୟତାର ଏହି ତିନି ଉପାଦାନ । ଦୀର୍ଘ ବୌଦ୍ଧିକ ସଂଘର୍ଷ ପରେ ଫରାସି ବିପ୍ଳବ ସମୟରେ ଏହି ତିନୋଟି ଶବ୍ଦ ସ୍ଲୋଗାନର ରୂପ ନେଇଥିଲା । ବିପ୍ଳବୀମାନେ ଚାହିଁଥିଲେ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଉନ୍ନତ ସମାଜ ଗଠନ କରିବା ପାଇଁ । ଯେଉଁ ସମାଜରେ ସମାନତା, ଭାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାଧୀନତା ବିରାଜମାନ ଥିବ । ଏହାପରେ ବିଶ୍ୱବାସୀଙ୍କୁ ମିନିଯାଇଥିଲା ସଭ୍ୟତାର ମାନକ, ସଭ୍ୟତା ପ୍ରାପ୍ତିର ନିୟମ । ଯେଉଁ ସମାଜ ଏହି ତିନୋଟି ବିଷୟକୁ ଯେତେ ଅଧିକ ମାତ୍ରାରେ ଅନୁସରଣ କରେ ସେ ସମାଜ ସେତେ ସଭ୍ୟ ଓ ଯେଉଁ ସମାଜ ଏହି ତିନି ଉପାଦାନ ର ପରିପନ୍ଥୀ ଅଥବା ବହୁ ପଛରେ ସେ ସମାଜ ଅସଭ୍ୟତାକୁ ଡେଇଁ ଆଗକୁ ଯାଇପାରି ନାହିଁ ।

ସମାନତାର ଭାବନା ମନୁଷ୍ୟର ମନରେ ଆଜନ୍ମ ସୁପ୍ତରେ ମିଳେ । ଏହା ତାହାର ଆତ୍ମ ସମ୍ମାନ ସହିତ ଜଡିତ । ଶେଣୁ ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେବା ମାତ୍ରେ ସମାଜରେ ସମାନ ମର୍ଯ୍ୟାଦା ପାଇବାକୁ ହକଦାର । ବ୍ୟକ୍ତି ତାହାର ଅଧିବସାୟ ବଳରେ ସମାଜରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, କିନ୍ତୁ ମନୁଷ୍ୟଭାବେ ସମସ୍ତ ମନୁଷ୍ୟ ସମାନ ଏହାହିଁ ମାନବୀୟ ସିଦ୍ଧାନ୍ତ । ଧର୍ମ, ଜାତି, ସମ୍ପ୍ରଦାୟ ଓ ଅଂଚଳ ନାମରେ ଅସମାନତାକୁ ପ୍ରତିଷ୍ଠା କରାଯାଇ ପାରିବ ନାହିଁ । ଆଧୁନିକ ଭାବେ ଜଣେ ଧନୀ କିମ୍ବା ଦରିଦ୍ର ହୋଇପାରେ । ଶିକ୍ଷା ବୃଦ୍ଧିରୁ ଜଣେ ଶିକ୍ଷିତ କିମ୍ବା ଅଶିକ୍ଷିତ ହୋଇପାରେ । କିନ୍ତୁ ସାମାଜିକ ଭାବେ କୌଣସି ବୈଷମ୍ୟ ଗ୍ରହଣୀୟ ନୁହେଁ । ସାମାଜିକ ବୈଷମ୍ୟମ ସଭ୍ୟତାର ପରିପନ୍ଥୀ । ଧର୍ମ ମାନଙ୍କରେ ନିଜକୁ ଶ୍ରେଷ୍ଠ ଅନ୍ୟକୁ ନିକୃଷ୍ଟ ବୋଲି କହି ପାରିବ ନାହିଁ । କୌଣସି ସମ୍ପ୍ରଦାୟ ଓ ଅଂଚଳର ଲୋକମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟଙ୍କୁ ନିକୃଷ୍ଟ କହିବା ଅର୍ଥ ସଭ୍ୟତାକୁ ଅସ୍ୱୀକାର କରିବା । ସେହିପରି ଜାତି ନାମରେ କେହି ନିଜକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କୁ ନିମ୍ନରର କହିବା ମଧ୍ୟ ଅସଭ୍ୟତାର ପରିଚାୟକ ।

ସଭ୍ୟତାର ଦ୍ୱିତୀୟ ଉପାଦାନ ସ୍ୱାଧିନତା । ଏହା ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ । ମନୁଷ୍ୟର ନିଜସ୍ୱ ଅଧିକାରକୁ ସୂଚାତ କରେ । ସ୍ୱାଧୀନତା ତାର ଜନ୍ମଗତ ଅଧିକାର । ସ୍ୱାଧିନତା କହିଲେ ସ୍ୱେଚ୍ଛାଚାରୀକୁ ବୁଝାଏ ନାହିଁ । ଏହା ଅନ୍ୟର ଅଧିକାରକୁ ସଙ୍କୁଚିତ କରିବାକୁ ବୁଝାଏ ନାହିଁ । ବ୍ୟକ୍ତି ନିଜ ପାଇଁ ଯେଉଁ ସିଦ୍ଧାନ୍ତମାନ ଗ୍ରହଣ କରେ ସେଗୁଡ଼ିକ ତାର ସ୍ୱାତନ୍ତ୍ରତାର ଅନ୍ତର୍ଗତ ଅଟେ । ସେ କଣ ଖାଇବ, କଣ ପିନ୍ଧିବ, କେଉଁ ବୃତି ଅବଲମ୍ବନ କରିବ, କାହାକୁ ବାହା ହେବ ଇତ୍ୟାଦି ତାର ନିଜସ୍ୱ ଅଧିକାର । ଏହାକୁ ରାଷ୍ଟ୍ର ନା ସମାଜ କେହି କାରଣ କରିପାରିବେ ନାହିଁ । ଏହାକୁ କୌଣସି ଧର୍ମ ନା ଜାତି ବାଧା ଦେଇପାରିବ । ଯେତେବେଳେ କୌଣସି ଦେଶରେ ଧାର୍ମିକ ମୌଳବାଦୀମାନେ ନିର୍ଣ୍ଣୟ କରନ୍ତି ଲୋକମାନେ କେଉଁ ପ୍ରକାର ପୋଷାକ ପିନ୍ଧିବେ, କଣ ଖାଇବେ, କଣ କରିବେ ଇତ୍ୟାଦି ଏହା ବ୍ୟକ୍ତି ସ୍ୱାତନ୍ତ୍ରତାକୁ ଖୁର୍ବ କରେ । ସେହିପରି କୌଣସି ଜାତି ବା ପରିବାରର ଲୋକମାନେ ଯଦି ନିର୍ଣ୍ଣୟ କରନ୍ତି ଜଣେ ଯୁବକ ବା ଯୁବତୀ କାହାକୁ ବାହା ହେବ କିମ୍ବା ତାର ଇଚ୍ଛାକୃତ ବିବାହରେ ବାଧା ସୃଷ୍ଟି କରନ୍ତି ତେବେ ଏହା ମଧ୍ୟ ବ୍ୟକ୍ତି ସ୍ୱାତନ୍ତ୍ରତାକୁ ବ୍ୟାହତ କରେ । ଆମ ଦେଶରେ ଆଲୁଅ ଜାତି ବିବାହକୁ ନେଇ ଚାଲିଥିବା ଅନର କିଲିଂ ତଥା ଖାପ୍ ପଂଚାୟତ ଏହାର ଜ୍ୱଳନ୍ତ ଉଦାହରଣ ।

ତୃତୀୟ ଉପାଦାନ ହେଉଛି ଭାତୃତ୍ୱଭାବ । ଏହା ସମସ୍ତଙ୍କ ପାଇଁ ସାମାଜିକ ପ୍ରତିବଦ୍ଧତା । ଏହା ବିନା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ । ସମସ୍ତଙ୍କ ମଧ୍ୟରେ ଭାତୃତ୍ୱଭାବ ଯେତେ ନିବିଡ଼ ହୁଏ ସମାଜ ସେତେ ଐକ୍ୟବଦ୍ଧ ହୁଏ । ବିଭେଦ ଓ ବିବାଦ ଆସ୍ତେ ଆସ୍ତେ ଅପସରି ଯାଏ । ବିଶ୍ୱଶାନ୍ତି ପାଇଁଟି ଏହା ଜରୁରୀ । ପରସ୍ପରକୁ ଭଲ ପାଇବା ମାନବିକତାର ଅପରିହାର୍ଯ୍ୟ ଅଂଶବିଶେଷ । ଗୋଟିଏ ବିବାଦଗ୍ରସ୍ତ ଓ ବିଭେଦଗ୍ରସ୍ତ ସମାଜକୁ ସୟ ସମାଜ ବୋଲି କହିହେବ ନାହିଁ । ଏପରି ସମାଜ ଦୀର୍ଘସ୍ଥାୟୀ ନୁହେଁ । ଜାରଣ ବିଶ୍ୱଶ୍ରୀଙ୍କ ଅଧପତନର କାରଣ ହୁଏ । ତେଣୁଜଣେ ପ୍ରତ୍ୟେକ ମାନବବାଦୀ ଧର୍ମରେ ସ୍ନେହ-ମମତା ଉପରେ ଗୁରୁତ୍ୱ ଦିଆଯାଇଛି । ଭାରତୀୟ ଚିନ୍ତନରେ ବସୁଧୈବ କୁଟୁମ୍ବକମ୍ କଥା କୁହାଯାଇଛି । ଭାତୃତ୍ୱଭାବର ପ୍ରଚାର ପାଇଁ ଅହିଂସା, ଦୟା ଓ କ୍ଷମାର କଥା କୁହାଯାଇଛି । ମାନବବାଦର ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି ।

ସଭ୍ୟତାର ନିୟାମକ ଭାବେ ଏ ତିନୋଟି ଉପାଦାନ ଆଜି ସର୍ବତ୍ର ଗ୍ରହଣୀୟ । ଆମ ସମସ୍ତଙ୍କ ପାଇଁ ଆମ୍ଭ ଚିନ୍ତନର ମାର୍ଗଦର୍ଶକ । ନିଜକୁ ସୁସଭ୍ୟ ବୋଲି ଦାବି କରିବା ପୂର୍ବରୁ ସଭ୍ୟତାର ମାନଦଣ୍ଡରେ ତଉଲିବାର ଆଜି ଓ ଅନୁଭବ କରିବାର ଆଜି ଯେ ଆମେ ପ୍ରକୃତରେ କେତେ ସୁସଭ୍ୟ ।

*କାରିପଦା, ମୟୂରଭଞ୍ଜ, ମୋ.

ଶବ୍ଦ
ବାଲେଶ୍ୱର, ରବିବାର, ୨୨ ଫେବୃଆରୀ ୨୦୨୬
ପୃଷ୍ଠା ସଂପାଦନ: କୃଷ୍ଣ କୁମାର ମହାନ୍ତି
ସାପ୍ତାହିକ ସାହିତ୍ୟ ଫର୍ଦ୍ଦ
ଚେତନାର ଆରମ୍ଭ

ପ୍ରାୟୋଗିକ ସମୀକ୍ଷା – ୨୦

ସୁଚିତ୍ରା ପାଣିଗ୍ରାହୀଙ୍କ କବିତା 'ମୋ ଭିତରେ ମୁଁ'

ଡକ୍ଟର ବିଶ୍ୱରଂଜନ ଦାସ

▶▶ କବିତା: 'ମୋ ଭିତରେ ମୁଁ'
▶▶ କବି: ସୁଚିତ୍ରା ପାଣିଗ୍ରାହୀ
▶▶ ପ୍ରକାଶନ : 'ଝଙ୍କାର' ଅକ୍ଟୋବର ୨୦୨୫

କଳେ ଗଣ୍ଡଗ୍ରାମର ଜୀବନଧାରାରେ ଯାହାକି ସଂପୃକ୍ତି ଜାଳକ ଓଡ଼ିଆ କବିତା କବରେ ସୁଚିତ୍ରା ପାଣିଗ୍ରାହୀ ଖୁବ୍ ଜଣାଶୁଣା । ମଣିଷ ମନର ଅନେକ ଭାବନା ଓ ଅଭିବ୍ୟକ୍ତ ବହୁମୁଖୀ କବିତା ମାଧ୍ୟମରେ ଅତି ସ୍ପଷ୍ଟ ଭାବେ ପ୍ରତିବେଦେଶ କରିବାରେ ସେ ସିଦ୍ଧହସ୍ତା । ସରଳ ଶବ୍ଦ ସଂଯୋଜନାରେ ଗାର୍ଣ୍ଣିକ ଆବେଗ ପାର୍ଥ ପୂରାଇ ।

ସୁଚିତ୍ରାଙ୍କ କବିତାର ଗଠନ ଶୈଳୀ ଓ ଭାଷା ବିନ୍ୟାସ ଜାତି ଅତ୍ୟନ୍ତ ସରଳ । କବି ଅତି ସାଧାରଣ ଶବ୍ଦ; ଯଥା: ଚୂଳକାଳି, ଛାଇ, ଅଶ୍ରୁ, କହୁଜାତି ପ୍ରଭୃତିକୁ ବ୍ୟବହାର କରି ଜୀବନର କବିତ୍ୱ ବର୍ଣ୍ଣନକୁ ଉଚ୍ଚିତ୍ରେ ଭାବେ ପ୍ରତିପୁରାଣ କରିଛନ୍ତି । ମୌଳିକ ଶବ୍ଦାବୃତ୍ତର ମୂଳକଥା । 'ଶୂନ୍ୟତା' ଓ 'ଅଶ୍ରୁ' ରେ କବିତାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ନିଜକୁ ଖୋଜିବାର ସଂଘର୍ଷ ହେଉଛି ବାର୍ଣ୍ଣିକ ଜାଁ-ପଲ୍ ସାର୍ତ୍ରଙ୍କ 'ଝିରି ଜାଁ ନିର୍ଯ୍ୟସରୁ ଅତିକ୍ରମ କରିଛା' ସହ ସମାନ । "ଅଛି ଏବେବେବ ଯେଉ / ନିଜକୁ ମୁଁ ଖୋଜୁଛି ଯେଉଁବେବେ / ମୋଇଦୁ ଆଉ ପାରଛି ।" କବି-ଏଠାରେ ଗାଢ଼ୀ କରୁତରୁ ମୁକ୍ତ ହୋଇ ନିଜ ଅନ୍ତରାତ୍ମା ସହ ସଂଘେଷ ଆରମ୍ଭ କରିଛନ୍ତି । କାବ୍ୟଶାସ୍ତ୍ରରେ 'ଶବ୍ଦ-ଆଲୁଅର ଖେଳ' ବିଷୟୁ ଅତ୍ୟନ୍ତାଳାର ପାର୍ଥ ପ୍ରୟାସ କରିଛି । କବିତାରେ 'ଶବ୍ଦ-ଆଲୁଅର ଖେଳି'- ହେଉଛି ଜୀବନର ବିଭବର ଗଭିଶାଳତା; ଯେଉଁଠି କବିତା 'ଏବେବେବ' ଓ 'ଅଶ୍ରୁ' ଏକ ଅଖୁଣ୍ଡ ଭାବ ଏବଂ ପାଲଟା ଏକାଠି । ଅତୀତ ଅସୁମାଳି ଦୁମାରରେ ଶାଶ୍ୱତ୍ମ । ଦେଖି ଛାଇ ବର୍ତ୍ତମାନ ମଣିଷର ପଛେ ପଛେ ଚାଲେ । ବର୍ତ୍ତମାନର ଦୈନନ୍ଦିନ ଜୀବନ ହେବା ଆମ୍ପ୍ରେସ୍ପଲ୍ଲିକ ଆଲୁଅ କଳିକାଠିରା ପରି । ଜୀବନରେ ଦୁଃଖ ଛାଇ; କିନ୍ତୁ ସଂଘର୍ଷ ଅନୁପ୍ରେରେ ମଣିଷ ନିଜକ ପୁରୁଣା ସତ୍ତା ବା ପୁନ୍ନର 'ମୁଁ'କୁ ଖୋଜିପାରେ ବି ସମ୍ଭବ । ଯେବେବେବେ ଆଧ୍ୟାତ୍ମିକ ଗୁରୁ 'ଆଲୁଅ'ର ଭଲାଏ ହୁଏ, ସେବେବେବେ ଜୀବନସୁ ଅଶ୍ରାରରେ ଲୀନ ହୋଇଯାଓ ଓ ମଣିଷ ନିଜକୁ କରିପାରେ ଆବିଷ୍କାର । "ଏବେବେ କି ଥୁଲି, ଅଛି ଆଜି କି / ମୋଳି ଭିତରେ ଥୁଲି ବି ଜାଣି" - ଏହି ଶେଷୋକ୍ତିରେ କବି ସମ୍ବାସ ସହିତ ସଜାର ସୀମୁର ଜରି ପରାର ବାର୍ଣ୍ଣିକତା ପ୍ରକଟ କରିଛନ୍ତି ।

ମୋ ଭିତରେ ମୁଁ

ସୁଚିତ୍ରା ପାଣିଗ୍ରାହୀ

ଜେବେବେବେ ଲାଗେ,
ମୁଁ ଯେମିତି ମୁଁ ନୁହେଁ
ମୁଁ ଆଉ ହେବି
ସବରେ ମୁଁ କ'ଣ ମୁଁ ?
ମୁଁ ବ ଜାଣି ଜୀବନ୍ତାକୁ
ହଜେର ସାରିଟି ଜିବନକୁ
ଆଉ ବାହା ଭିତରେ ।

ଜେବେ ଥୁଲି ମୁଁ ମିଛେ ହିଁ ନିଜର
ନିଜ ସହ ଲୁକୋଚାରି ଖେଳରେ
ହାରୁଥୁଲି ହରାଇ ବି ଥୁଲି
ଖୋଜିବା ପାରଛା ସବୁ ଥୁଲା
ଏକ ମୋ ନିଜ ହାତର କଥା
ତଥାପି ବି କିଛି ଜାଣିଥୁଲା ।

ଚାଲି ଯାହା ଚାଲି ଯାଇଥୁଲା,
ସେସବୁ ତ ସେବେନର କଥା
ସେବେବେବେ ଚାଟି ଥୁଲା
ବି ଅଶାର ଥୁଲା କିଏ କାରେ!
କହୁଜାତିର ଛାଇ ଥୁଲା ବି ତ'ଶ
କିଛି ତ ଜାଣି ମନେ ପଡୁନାହିଁ ।
ଛାଇରେ ବି ମୁଁ ଥୁଲି
ଜେହି ଆଉ ନଥୁଲେ ହୋଇଠି,

ଆଜି ବି ଜାତିର ଅଶାରରେ
ଥୁଲୁ ଖାଲି ମୁଁ ଆଉ ମୋ ଛାଇ
ସେ ଛାଇ ଛାଗରେ
ମୁଁ ନିଜକୁ ବି ଦେଖେଥୁଲି ବରାଳ ।

ଆଜି ଏତେ ଦିନ ପରେ ନିଜକୁ ମୁଁ
ଖୋଜୁଛି ଯେଉଁବେବେବେ
ଲୋଇଦୁ ଆଉ ପାରଛି ?
ଛାଇସବୁ ଲୁଚି ଯାଇଛାଣି ଅଶାର ସେପାଖେ
ଅଶାର ଜିବନୁ କିଛି ତ ଜିଣୁଚି
କେହି ଆଉ ଆଜି ଜେଠି ଲୁଚି ବସିଛି
ଜାଣାଚି ଆଜୁଥିବାରେ ଯୋଉ ଯାଇଚି
ଆସେ ବବନ ଅଶାର
ସେବ ପିଛା ଆଲୁଅ ଓ ଅଶାରରେ
ଲୁକାଳାଚି ଜିବରେ ହେଁଚିଦୁଟି
ଖାଲି ଗୋଟେ ସ୍ୱର
ଜଣି ମୁଁକୁ ଜିଳ ମୁଁକୁ
ସେବ ପୁରୁଣା ରୂପ ।

ଆଜ ଅରେ ଛାଇ-ଆଲୁଅର ଚୋଳିରେ
ଖୁଜୁଛି ମୋ ଭିତରେ ସେବ ପୁରୁଣା ମୁଁଟି
ମୁଁ ଆଜି ଚୋଳି ଆଜି ଆଜ
ଜାଣାଚିଲୁ ପରାଜିତ ଲୋଚା ନାହିଁ
ମୁଁ ଆଜି ମୋ ନିଜ ଭିତରେ
ସେବିନ ବି ଥୁଲି, ଅଛି ଆଜି ବି,
ମୋଟି ଭିତରେ ଥୁଲି ବି ଜାଣି ।

♥ ଜଗଦ୍ଧାଥ ବିହାରୀ, ସାଲବନୀ ବାଲପାଣ୍ଡ, ଭଦ୍ରକ,
ଫୋନ : ୮ ୯୧୭୨୭୬୦୩୩

ଅବଗୋଧ ଓ ଆତ୍ମ-ଅନୁଶୋଧ ସ୍ୱର ତାଙ୍କ କବିତାରୁ ବଳ ବାଣି ହୋଇଥିବ । ଜୀବନର କବିତ୍ୱ ଅନୁଭୂତିକୁ ସେକ ରୂପଗାଢ଼ର ଚିତ୍ର ମାଧ୍ୟମରେ ସେ ପାଠକଙ୍କ ନିକଟରେ ପଶାଇ ଦିଅନ୍ତି । ଗତ ଅଙ୍କ "ଏବେବ" ପୃଷ୍ଠାରେ ପ୍ରକାଶିତ 'ମୋ ଭିତରେ ମୁଁ' କବିତାରେ ନିଜକୁ ନିଜ ଭିତରେ ଆବିଷ୍କାର କରିବାର ମନସ୍ତାତ୍ତ୍ୱିକ ଜାଳବିଚିକ୍ଷାରା ପ୍ରକଟିତ । ଭାଷାର ଆଡମ୍ବିଶ୍ୱାସ ସହ କବି ସ୍ୱକୀୟ ସତ୍ତାକୁ ପ୍ରକାଶ କରି ସକଳ ଆଜ୍ଞାର ଭିତରେ ଅଭିବ୍ୟକ୍ତ ଅନୁସନ୍ଧାନ କରିଛନ୍ତି । ନିଜର ପରିବେଶକୁ ଅନ୍ୟ ଭିତରେ ଖୋଜିବାର ନିରର୍ଥ ପ୍ରୟାସ ଅପେକ୍ଷା ବୃତ୍ତରେ ସ୍ୱରରେ ଖୋଜିବା ହିଁ ଶ୍ରେୟସ୍କର । ଅଙ୍କାର ଓ ଅନୁଭବର ଛାଇଛାଏ ଗୋଳ ଭିତରେ ନିଜକୁ ଚିହ୍ନିବାର ଏ ଯାତ୍ରା ପାଠକକୁ ବରାର ଜୀବନର ସମ୍ପର୍ଣ୍ଣ ଓ ଆତ୍ମ-ପ୍ରତିଫଳାର ବ୍ୟେକ୍ତ । ଏହାର ଛନ୍ଦଗତି ସାଧାରଣ କାଳିକ ସାଧାରଣ ବିଷୟାଧାରା ପରି ସ୍ୱଚ୍ଛ ଓ ସାବଳୀଳ; ଯାହା ପାଠକଙ୍କୁ କବିତାଳାନ ସହ ଯୋଡ଼ିବାରେ ସମର୍ଥ । କବିତାର ଆରମ୍ଭରେ ରଚିତ କବିତ ପ୍ରସ୍ତାବନା- "ସବେବେ ମୁଁ କ'ଣ ମୁଁ ?" ଅର୍ଥାତ୍ ସଂସାରା ମଣିଷ ମୋହମାୟା ପାଶରେ ବନ୍ଧା ? ଅନ୍ୟର ବ୍ୟକ୍ତିତ୍ୱ ମଧ୍ୟରେ ସେ ହଜାଇଦିଏ ନିଜକୁ । ଅତୀତର ଏହି ଆତ୍ମ-ବିସ୍ମୃତି ଓ ବର୍ତ୍ତମାନ ଅନୁଭାଗ ସ୍ୱର- "ଜାଣି ଆଜି ଲୁକେଇ ଯୋଉଯାଇଛି / ଆଜ ବବନ ଅଶାରରେ ।" ପାରିପାର୍ଶ୍ୱିକ ପରିବେଶକୁ ବରାଳିରେ ବି ମଣିଷର ଅନ୍ତର୍ନିହିତ ସତ୍ତା ନରେ ଅପରିବର୍ତ୍ତିତ । ଦୃଶ୍ୟ ଓ ଆଭ୍ୟୋଗଗଲ୍ପି ମଣିଷ ଭିତରେ ଅଜ୍ଞାନତାକୁ ଜୟ କରେ ଦୂର । କବି ଅନୁଭବ କବିଛନ୍ତି ଯେ 'ମୁଁ-ତୁ' ଭେଦ ବାଦାରେ ନାହିଁ, ଅଛି ନିଜ ଭିତରେ । ଏହି ଅନୁଭୂତି ପାଇବା ପରେ ଅନ୍ୟ ଜାହାକୁ ପୁଣ୍ଣ କବିତାର ଆବବାଦରେ ହେବ ନାହିଁ ।

ସାମାଜିକ ଚାପ ଯେପୁଁ ସେଇ ବା ଅନ୍ୟକ ପ୍ରଭାବକୁ ହେଉ ନିଜର ମୌଳିକ ସତ୍ତା ନିଜୁଣ୍ଡ ହେବାର ଅନୁଭବ ହେଉଛି ଅଭିବ୍ୟକ୍ତରେ ମୂଳକଥା । 'ଶୂନ୍ୟତା' ଓ 'ଅଶ୍ରୁ' ରେ କବିତାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ନିଜକୁ ଖୋଜିବାର ସଂଘର୍ଷ ହେଉଛି ବାର୍ଣ୍ଣିକ ଜାଁ-ପଲ୍ ସାର୍ତ୍ରଙ୍କ 'ଝିରି ଜାଁ ନିର୍ଯ୍ୟସରୁ ଅତିକ୍ରମ କରିଛା' ସହ ସମାନ । "ଅଛି ଏବେବେବ ଯେଉ / ନିଜକୁ ମୁଁ ଖୋଜୁଛି ଯେଉଁବେବେବେ / ମୋଇଦୁ ଆଉ ପାରଛି ।" କବି-ଏଠାରେ ଗାଢ଼ୀ କରୁତରୁ ମୁକ୍ତ ହୋଇ ନିଜ ଅନ୍ତରାତ୍ମା ସହ ସଂଘେଷ ଆରମ୍ଭ କରିଛନ୍ତି । କାବ୍ୟଶାସ୍ତ୍ରରେ 'ଶବ୍ଦ-ଆଲୁଅର ଖେଳ' ବିଷୟୁ ଅତ୍ୟନ୍ତାଳାର ପାର୍ଥ ପ୍ରୟାସ କରିଛି । କବିତାରେ 'ଶବ୍ଦ-ଆଲୁଅର ଖେଳି'- ହେଉଛି ଜୀବନର ବିଭବର ଗଭିଶାଳତା; ଯେଉଁଠି କବିତା 'ଏବେବେବ' ଓ 'ଅଶ୍ରୁ' ଏକ ଅଖୁଣ୍ଡ ଭାବ ଏବଂ ପାଲଟା ଏକାଠି । ଅତୀତ ଅସୁମାଳି ଦୁମାରରେ ଶାଶ୍ୱତ୍ମ । ଦେଖି ଛାଇ ବର୍ତ୍ତମାନ ମଣିଷର ପଛେ ପଛେ ଚାଲେ । ବର୍ତ୍ତମାନର ଦୈନନ୍ଦିନ ଜୀବନ ହେବା ଆମ୍ପ୍ରେସ୍ପଲ୍ଲିକ ଆଲୁଅ କଳିକାଠିରା ପରି । ଜୀବନରେ ଦୁଃଖ ଛାଇ; କିନ୍ତୁ ସଂଘର୍ଷ ଅନୁପ୍ରେରେ ମଣିଷ ନିଜକ ପୁରୁଣା ସତ୍ତା ବା ପୁନ୍ନର 'ମୁଁ'କୁ ଖୋଜିପାରେ ବି ସମ୍ଭବ । ଯେବେବେବେ ଆଧ୍ୟାତ୍ମିକ ଗୁରୁ 'ଆଲୁଅ'ର ଭଲାଏ ହୁଏ, ସେବେବେବେ ଜୀବନସୁ ଅଶ୍ରାରରେ ଲୀନ ହୋଇଯାଓ ଓ ମଣିଷ ନିଜକୁ କରିପାରେ ଆବିଷ୍କାର । "ଏବେବେ କି ଥୁଲି, ଅଛି ଆଜି ବି / ମୋଳି ଭିତରେ ଥୁଲି ବି ଜାଣି" - ଏହି ଶେଷୋକ୍ତିରେ କବି ସମ୍ବାସ ସହିତ ସଜାର ସୀମୁର ଜରି ପରାର ବାର୍ଣ୍ଣିକତା ପ୍ରକଟ କରିଛନ୍ତି ।

ଶରୀର, ଯୌବନ ଓ ପରିବେଶ ମଣିଷର ଜୀବାଦାର ସତ୍ତା ସହ ସମ୍ପୃକ୍ତ । ଅତୀତ ହେଉଛି 'ସେବିନ'; ଯେଉଁଦିନ ନିଜକୁ ହଜାଇ ଦେଇଥିବା ସବୁ ମଧ୍ୟ ଅଭିବ୍ୟକ୍ତ ଅପରିବର୍ତ୍ତିତ ଥୁଲା ।ବର୍ତ୍ତମାନ ହେଉଛି 'ଆଜି'; ଯେଉଁଦେବେବେ କବିତାର ସାବେବେ ଗୋଇ ନିଜକୁ ଖୋଜୁଛି ଓ ଜଳିଷ୍ଟ ହେଉଛି 'ଜାଣି'; ଯେଉଁଠି ପରିସ୍ଥିତି ଯେବେ ବବର୍ତ୍ତମାନ ମଧ୍ୟ 'ପୁରୁଣ ମୁଁ' ବା 'ଅଥୁରଣା' ଅଛୁଣ୍ଟ ରହିଥିବ । "ମୁଁ ଆଜି ମୋ ନିଜ ଭିତରେ'- ଅର୍ଥାତ୍ କବି ଅନୁଭବ କରିଛନ୍ତି ଯେ, ଏହିବକୁ ପରିବର୍ତ୍ତନର ବାତାରେ ଏକ ସ୍ଥିରବିନ୍ଦୁ ଅଛି; ଯେଉଁଠି ମୃତ୍ୟୁଭୟ ବା ବିସ୍ମୃତିର ଆଶଙ୍କା ପାଖରୁ ଜୀବନ ହୁଏ ମୁକ୍ତ । କବିଙ୍କ ଦୃଷ୍ଟିରେ ହେଉଛି 'ମୋଟେ' ସ୍ୱାଭୂତି ବିଥୁଲ ବି ନଚିପାରୁ; "ମୁଁ ମୋ ନିଜ ସାଥି ସବ୍ଦ ଓ ଏହା ହିଁ ଶାଶ୍ୱତ ପଥ । କବି ସୁଚିତ୍ରାଙ୍କ ଆଲୋଚ୍ୟ 'ମୋ ଭିତରେ ମୁଁ' କବିତାଟି ଏହି ଶାଶ୍ୱତ ସତ୍ୟ ଉପରେ ଆଧାରିତ । ଜୀବନର ସମ୍ପର୍ଣ୍ଣ ଓ ଆତ୍ମ-ପ୍ରତିଫଳାର ବ୍ୟେକ୍ତ । ଏହାର ଛନ୍ଦଗତି ସାଧାରଣ କାଳିକ ସାଧାରଣ ବିଷୟାଧାରା ପରି ସ୍ୱଚ୍ଛ ଓ ସାବଳୀଳ; ଯାହା ପାଠକଙ୍କୁ କବିତାଳାନ ସହ ଯୋଡ଼ିବାରେ ସମର୍ଥ । କବିତାର ଆରମ୍ଭରେ ରଚିତ କବିତ ପ୍ରସ୍ତାବନା- "ସବେବେ ମୁଁ କ'ଣ ମୁଁ ?" ଅର୍ଥାତ୍ ସଂସାରା ମଣିଷ ମୋହମାୟା ପାଶରେ ବନ୍ଧା ? ଅନ୍ୟର ବ୍ୟକ୍ତିତ୍ୱ ମଧ୍ୟରେ ସେ ହଜାଇଦିଏ ନିଜକୁ । ଅତୀତର ଏହି ଆତ୍ମ-ବିସ୍ମୃତି ଓ ବର୍ତ୍ତମାନ ଅନୁଭାଗ ସ୍ୱର- "ଜାଣି ଆଜି ଲୁକେଇ ଯୋଉଯାଇଛି / ଆଜ ବବନ ଅଶାରରେ ।" ପାରିପାର୍ଶ୍ୱିକ ପରିବେଶକୁ ବରାଳିରେ ବି ମଣିଷର ଅନ୍ତର୍ନିହିତ ସତ୍ତା ନରେ ଅପରିବର୍ତ୍ତିତ ।

♥ ଡକ୍ଟର ସୁଜୟ ଅଧ୍ୟପକ, ଡିଏନ୍‌ଏମ୍‌ଏସ୍ କଲେଜ, ସାଲିଆଶିରୀ, ଭଦ୍ରକ, ଫୋନ:୯୩୭୬୪୩୦୬୬୩

ଧାରାବାହିକ ଆଲୋଚନା

କଥାକାରଙ୍କ କଥା : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

କଥାକାର ସାତକଡ଼ି ହୋତା



ସାତକଡ଼ି ହୋତା

"ମୁଁ ପୁରିଣ୍ଟି ବେଳଠି ମଣିଷମାନଙ୍କୁ । ସେଇ ଜାଳକ ପାଳକ କରିବା ପାଇଁ ମୁଁ ଲେଖୁଛି । ତାହା ପୂର୍ବ କବିତା ପାଇଁ ମୋର ଏବେ ସାମର୍ଥ୍ୟ ନାହିଁ, ତଥାପି ବୁଦ୍ଧିହୀନ ମୂଢ଼ା ସେବୁ ଚଳ ଗଣ୍ଡିରା ପାଇଁ ସେଥିରେ ଯୋଗଦେବା ପରି ମୁଁ ମଧ୍ୟ ସାହିତ୍ୟ ସେଇଁ ପୁରିଣ୍ଟି ମୁଙ୍କୁଳ ବେଳେଣ୍ଟି ତାହା ପୂର୍ବ କବିତା ବିଷୟେ ଜଣାଏ କବିତାଙ୍କିଣି ।" (ଅଧ୍ୟାପକ ସାତକଡ଼ି ହୋତା)

ସାହିତ୍ୟ ପ୍ରତି ଏକଳି ଏକ ମମୋତ୍ତାଳ ପୋଷଣ କରୁଥିବା ଓଡ଼ିଆ ସାହିତ୍ୟର ଅତିବୃଦ୍ଧଣୀୟ ପ୍ରତିଭା ହେଉଛନ୍ତି କଥାକାର ସାତକଡ଼ି ହୋତା । ସାହିତ୍ୟର କଳେ ବୁଦ୍ଧର ବିଶାରୀ ଭାବରେ ସେ ଅନ୍ୟର ସାହିତ୍ୟର ସେବା କରି ଯାଇଛି ଏକ ଶାଶ୍ୱତ ଅନୁଷ୍ଠାନ ।

'ଶୋଣିତର ବୁଦ୍ଧ', 'ଫୁଲର ଜୋତିଏ ପୁରଣି', 'ଜିବିବୁଢ଼ୁର କଥା', 'ଲଙ୍ଗଳା ରାଜା', 'ମାଳାରାଜକୁ ରାଜା', 'ସାଆନ୍ତର ଶେଷ', 'ମଧୁଲବ୍ଧ', 'ମୋ ଗଞ୍ଜର ମାଇଜ', 'ଶେଷ ଘରେ', 'କଥା ଅନେକ' ଆଦି ଗଳ୍ପ ସଂକଳନ ହେଉଛି ତାଙ୍କ ସାହିତ୍ୟ ଯାତ୍ରାର ସୂଚକ । ଏଥିରେ ସୁନିତ ଗଳ୍ପ ସୁନ୍ଦିନ ଓଡ଼ିଆ ଗଳ୍ପ ସାହିତ୍ୟକୁ କରିଛି ସମୃଦ୍ଧ ଓ ସମୃଦ୍ଧ ।

ସମସାମୟିକ ସମାଜର ବହୁବିଧ ସମସ୍ୟା, ମାନବୀୟ ଜୀବନର ମୂଲ୍ୟବୋଧର ଅବକ୍ଷୟ, କଳୁଷିତ ରାଜନୀତି ସହ ତାଙ୍କ ଗଳ୍ପରେ ରଖିଛି ଆବିଳାସୀ ମଣିଷର ସରଳ ଜୀବନ ଓ ନିଷ୍ପାପ ହୃଦୟର ମହମାରୟ । 'ଜିବିବୁଢ଼ୁର କଥା' ଗଳ୍ପର କଥାବସ୍ତୁ ସେଇ ଆବିଳାସୀ ମଣିଷର କଥା । ଏ ଗଳ୍ପର ନାୟିକା ଫୁଲମଙ୍ଗରୀ । ସେ ତାର ଜିବିବୁଢ଼ୁରେ । ସହରୀ ଯୁବକ ଅଂଶୁମାନ ସହ ସୋଇଛି ତାର ପ୍ରେମ । ଏ ଗଳ୍ପରେ ରଖିଛି ଶୋମାଳଙ୍କ ଶାଶ୍ୱତ ପ୍ରେମର ଜାହାଣୀ ।

ଲେଖକଙ୍କ ଅନ୍ୟ ଏକ ଶ୍ରେଷ୍ଠ ଗଳ୍ପ ହେଉଛି 'ଲଙ୍ଗଳା ରାଜା' । ଗଳ୍ପରେ ଶୋଣାଳ ମାଳକ ରାଜନେତାଙ୍କ ବଗାଣ୍ଡ ବିଶ୍ୱାସ କରି ପାସକ ବା ଅଖଣ୍ଡ ପାଇଛି । ଦୁଃ, ସଂଗ୍ରହିତ ରାଜନୀତି ସବକ ବିଶ୍ୱାସ ଜନମାନ୍ତ । ରାଜନୀତିକ ପ୍ରତାରଣାକୁ ଶୋଷକ ବୁଦ୍ଧିଜୀବି ନାହିଁ । ସୁତରାଂ ସେ ବଳେ ଚୋରିଛି । ଠିକ୍ ସେମିତି ସମାଜରେ ବାଲିଝିଡ଼ା ଠେକାଣି, ପ୍ରତାରଣା ଓ ବାଲିଆଠିର ଚିତ୍ର ଫୁଟି ଉଠିଛି 'ସାଆନ୍ତର ଶେଷ' ଗଳ୍ପରେ ।

'ଜଳନ୍ତପ୍ରଳୟ ଜଳ' ଏକ ସମାଜିକ ସଚେତନତାର ବାର୍ତ୍ତା ବହନ କରୁଥିବା ଗଳ୍ପ । ଅଣ୍ଟକ ଜାତିର ଭବ ହେଉଛି ଲଜ୍ଜିତ ଧୋବା । ସେ କେମିତି ଜଳନ୍ତପ୍ରଳୟ ରଥ ଦେଖି ବାଣିକାରେ ସଜ୍ଜୀବ ହୋଇଛି, ସେ ସମ୍ପର୍କରେ ଲେଖକ ହୋଇଛି ଏ ଗଳ୍ପ । ଲେଖକଙ୍କର ବର୍ଣ୍ଣନା ବୈବିଧ୍ୟରେ ଗଳ୍ପଟି ଅନନ୍ୟ ହୋଇ ପାରିଛି ।

ନାନାବିଧ ମାନସିକ୍ତାକୁ ବେଶ୍ ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି 'ଅସରର୍ଗ ମୁହୁର୍ତ୍ତ' ଗଳ୍ପରେ । ପୁଣି ଗଳ୍ପର ମିଶ୍ର ଭାବ ଚିତ୍ର ଦିଗୁଣା ଜାରାକୁ ସେଇ ସ୍ପଷ୍ଟ ହୋଇଛି ତାଙ୍କର ଆଉ ଏକ ଅନନ୍ୟ ଗଳ୍ପ 'ଶୋଣିତର ବୁଦ୍ଧ' ।

ସଂଗ୍ରହିତ ସମାଜର ବୁର୍ଜୋଚି, ଚକ୍ରାନ୍ତି, ଜାତୀୟତା ପ୍ରଭାବର ସହ ସମାଜ ସଂଘର୍ଷ ଓ ସମାଜ ସଚେତନତାର ବାର୍ତ୍ତା ରଖିଛି ସାତକଡ଼ି ହୋତାଙ୍କ ଗଳ୍ପରେ । କ୍ଷମାକ ବିଭିନ୍ନ ବର୍ଣ୍ଣର ଲୋକଙ୍କୁ ନେଇ ସୃଷ୍ଟ ହୋଇଛି ତାଙ୍କ ଗଳ୍ପର ସାମ୍ପ୍ରଦାୟ । ସେବେବେବେବେ ତାଙ୍କ ବଚିତ୍ରମାନ ହେଉଛନ୍ତି ଅନ୍ୟ ଏକ ଲୋକଚିତ୍ରର ଅଙ୍କ ଲେଖକେବେବେବେ ଯୋଗଦ ହେଉଛନ୍ତି ଅନ୍ୟ ଏକ ମଣିଷକୁ ବଳ । ବାସ୍ତବରେ ସାଉଦାଗର କଥା ସାମ୍ପ୍ରାଦ୍ୟ ଓଡ଼ିଆ ସାହିତ୍ୟର ଚିତ୍ର ଓ ବାତାକୁ ସମୃଦ୍ଧ କରିବାରେ ବିରେଚନ୍ତି ପ୍ରଶଂସନୀୟ ହୋଇଛନ୍ତି, ଏକଥା ନିର୍ଦ୍ଦୁଚ୍ଚେ କୁହାଯାଇପାରେ ।

♥ ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବରୁଣ ମହାବିଦ୍ୟାଳୟ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର, ଫୋନ: ୯୩୩୬୦୬୬୧୮୬

ମନେପଡ଼େ :

ସ୍ମୃତିରେ ମନୋଜ ଦାସ

ମାନସ ରଂଜନ ମହାପାତ୍ର

ସମକାଳୀନ ଓଡ଼ିଆ ସାହିତ୍ୟକୁ ବହୁ ଜଣ ଲେଖକ ଆବର୍ତ୍ତନ ସ୍ତରରେ ସମ୍ପୃକ୍ତ ପରିଚିତ । ତରେ ବଧାଶିଳ୍ପୀ ମନୋଜ ଦାସ ଅନ୍ୟ ଜଣେ କବି ସରଳ ମହାପାତ୍ର । ଓଡ଼ିଆ ଛୁଟଗଳ୍ପ କେବଳ କବାଗଣ ଓ ପରିଚିତ ମନୋଜ ଦାସ । ମନୀଷା ଓ ବୈଚାରିକ ବୁଦ୍ଧିଜୀବୀ ତାଙ୍କର ଛୁଟଗଳ୍ପ ଅନନ୍ୟ । ସମ୍ପ୍ରତି ବିଷୟ ଓ ବୃତ୍ତରାଜରେ ମନୋଜ ଦାସ ହେଉଛନ୍ତି ଲାଖ୍ୟ ଜାହାରେ ରହୁଥିବା ଜଣେ ଶାନ୍ତ-ସାହିତ୍ୟିକ । ଏପରି ମହାନ ବ୍ୟକ୍ତିମାନଙ୍କୁ ଆମେ ସ୍ମୋମରଙ୍କର ବ୍ୟକ୍ତିତ୍ୱ ପ୍ରତିଷ୍ଠା ଜିଣିବେ ସମ୍ମାନ ଦେବାଥାଇ, ସରଳାଳୀ ଅଧିକାରୀ ବୁଝିବି ।

ଏହାପରେ ସେ ବିଭାଗୀୟ ଅଧିକାରୀଙ୍କୁ ତାଙ୍କି ପ୍ରଫେସର ମନୋଜ ଦାସଙ୍କୁ ଲାଖ୍ୟ ପରିଚୟ ମାନ୍ୟତା ଦେବା ନିମନ୍ତେ ନିର୍ଦ୍ଦେଶ ଦେଲେ ।

ମୁଁ ଜାଣିଥିଲି ଯେ ମୁଖ୍ୟମନ୍ତ୍ରୀ ଜମାର ଅବବୁଦ୍ଧ ପ୍ରଫେସର ମନୋଜ ଦାସ ଏବଂ ତାଙ୍କ ରାଜ୍ୟରେ ହେବାକୁ ଥିବା ଲାର୍ଯ୍ୟକ୍ରମ ବିଷୟରେ ବିଶଦ ତଥ୍ୟ ଜଣାଇଛି ଲୋଗି । ମୁଁ ଆଶ୍ଚର୍ଯ୍ୟ ହେଲି ଯେଉଁଦିନ ପ୍ରଫେସର ଦାସଙ୍କ ଲାର୍ଯ୍ୟକ୍ରମ ଥିଲା, ସେହିଦିନ ବୌଦ୍ଧରେ ପ୍ରଫେସର ମନୋଜ ଦାସ, ଚେତନା ଶ୍ରୀପରିଷଦ ଆଶ୍ରମରେ ସେହିଦିନ ଅନ୍ୟ କିଛି ଲାର୍ଯ୍ୟକ୍ରମ ଥିଲା ବେଳୁ ସେ ଆସିବା ପାଇଁ ମନା କରି ଦେଇଥିଲେ । ଅନନ୍ତର ପ୍ରଫେସର ମନୋଜ ଜାତୀୟ କବିତାରେ ଜଳ-ଜଳ-ଜଳ୍ପାଶ୍ରୟ ତତ୍ତ୍ୱାଳୀନ ମୁଖ୍ୟମନ୍ତ୍ରୀ ଜମାର ଅବବୁଦ୍ଧ । ମୋଳାକ ଚତୁର୍ଥ ଦିନରେ ହେବାକୁ ଥିବା 'ଲେଖକଙ୍କୁ ଭେଟବୁଁ' କାର୍ଯ୍ୟକ୍ରମରେ ସେପରି ହେବାକୁ ପ୍ରଫେସର ମନୋଜ ଦାସ ସର୍ବଦି ପ୍ରଦାନ କରିଥିଲେ । ତେବେ ଏନ୍‌ଟିଟି ଅଧକ୍ଷ ଏବଂ ପ୍ରଫେସର ମନୋଜ ଦାସଙ୍କୁ ରାଜ୍ୟ ଅତିଥି ମାନ୍ୟତା ଦେବା ଅନୁରୋଧରୁ ରାଜ୍ୟ ସରକାର ପ୍ରତ୍ୟାଖ୍ୟାନ କରିଦେଲେ । ମୁଖ୍ୟମନ୍ତ୍ରୀ ଜମାର ଅବବୁଦ୍ଧଙ୍କ ସହ ମୋର ପୂର୍ବରୁ ପରିଚୟ ଥିଲା, ତେଣୁ ରାଜ୍ୟ ସଚିବାଳୟକୁ ଯାଇ ମୁଁ ତାଙ୍କୁ ଭେଟିଲି ।

"ମିଶର ମନାପାତ୍ର, ଆପଣ ପ୍ରଫେସର ବହୁ ଭୁଲ୍ ଜଣି ବେଳଛନ୍ତି", ମୁଖ୍ୟମନ୍ତ୍ରୀ କହିଲେ ।

"କ'ଣ?"

"ଆପଣ ଦୁଇଟିଯାକ ନା

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୨୨ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପୁରୀ ଜିଲ୍ଲାସ୍ତରୀୟ ସୁପୋଷିତ କର୍ମଶାଳା ଅନୁଷ୍ଠିତ

ପୁରୀ, ୨୧/୦୨ (ଆ.ପ୍ର) : କୁପୋଷଣକୁ ଦୂରେଇ ସମସ୍ତଙ୍କୁ ସୁପୋଷିତ କରିବା ସରକାରଙ୍କ ଲକ୍ଷ୍ୟ । ଏଥିପାଇଁ ଆଙ୍ଗନବାଡି ସ୍ତରରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଜନ୍ୟୟନ ଅଧିକାରୀ ପ୍ରିୟଦର୍ଶନ ପୃଷ୍ଟି ଶଣ୍ଡିନୀର ପୂର୍ବାଞ୍ଚଳର ସବଜାତୀୟ ସଭାଗୃହ ଠାରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୁପୋଷଣ ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥାକୁ ଉଦଘାଟନ କରି ଶ୍ରୀ ପୃଷ୍ଟି ଶିଶୁ ମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ର ଅଧିକାରୀ ଯେପରି ସେମାନେ ହୋଇ ପାରିବେ ସେଥି ପ୍ରତି ସରକାର ବ୍ୟବସ୍ଥା କରିଛନ୍ତି । ଏଥାକୁ ଯେପରି ଅଧିକ ଲୋକାଭିମୁଖୀ ଓ ସରଳ ପ୍ରକ୍ରିୟାରେ ଉପଯୋଗ କରାଯାଇ ପାରିବ ସେଥି ଲାଗି ଏହି ପ୍ରଶିକ୍ଷଣ ଶିବିର ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଶୁଭେଚ୍ଛା ବାର୍ତ୍ତା ଓ ସୁପୋଷଣର ମହତ୍ୱ ସମ୍ପର୍କରେ ଭିଡିଓ ବାର୍ତ୍ତାକୁ ଉପସ୍ଥାପନ କରାଯାଇଥିଲା । ଏଥିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୁପୋଷଣର ଆବଶ୍ୟକତା ସମ୍ପର୍କରେ ଆଲୋଚନାପାତ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନ୍ମୟୁକ୍ତା ବେରେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ ସ୍ତରୀୟ ମାଷ୍ଟର ଟ୍ରେନର ହୃଦୟ ପ୍ରସାଦ ଓ ରଶ୍ମିକା ସୁପୋଷଣର ଉପଯୋଗ, ଆଙ୍ଗନବାଡ଼ି ରେ ତାହାର କାର୍ଯ୍ୟ ଜାରିତା, ପ୍ରତି ମାସର ପ୍ରଥମ ଓ ତୃତୀୟ ଶନିବାରକୁ ସମ୍ପ୍ରଦାୟ ଦିବସ ଭାବେ ପାଳନର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ପ୍ରମ, ସୁପରଭାଇଜର ଚନ୍ଦ୍ରପ୍ରଭା ଦେଇ, କାଳ୍ୟବତୀ ମହାନ୍ତି, ପୋଷଣର ଡିପିସି ସମ୍ବିତା କର୍ମକାର, ସମସ୍ତ ସିଡିପିଓ, ସୁପରଭାଇଜର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ସୁପୋଷଣ ଶପଥ ପାଠ କରାଯାଇଥିଲା ।

ଜଗତସିଂହପୁର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଜଗତସିଂହପୁର, ୨୧/୦୨ (ଆ.ପ୍ର) : ଜଗତସିଂହପୁର କ୍ଲବ ଅନ୍ତର୍ଗତ ସୁଗୁଣଗଡ଼ସ୍ଥିତ ପ୍ରସୂନ୍ନ ପାଠାଗାରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି ଓ ପାଠାଗାରର ସଭାପତି ଚାବାଣ୍ଡ ନାଥ ପ୍ରିୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ଯୋଗଦେବ ବହୁଭାଷୀ ଶିକ୍ଷାରେ ଯୁବ ଗୋଷ୍ଠିର ଗୁରୁତ୍ୱ ବିଷୟରେ ସବିଶେଷ ଆଲୋଚନା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସନ୍ତକାର ହିମାଂଶୁ ଶେଖର ଆଚାର୍ଯ୍ୟ, ଶିକ୍ଷାବିତ ବିଜୟ କୁମାର ପତି, ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ସତ୍ୟବାଦୀ ଦାସ, ସତ୍ୟବାଦୀ ସାହୁ ଆଦି ଯୋଗ ଦେଇ ମାତୃଭାଷାର ସୁରକ୍ଷା, ପ୍ରସାର ଓ ପ୍ରଚାର ପାଇଁ ଇନେସ୍କୋ ତରଫରୁ ୨୦୨୦ ଫେବୃଆରୀ ୨୧ ତାରିଖକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ରୂପେ ପାଳନ କରାଯାଇଆସୁଅଛି ବୋଲି ମତ ରଖିଥିଲେ । ଏଥି ସହିତ ଆଜିର ଡିଜିଟାଲ ଯୁଗରେ ଯୁବବର୍ଗ ବହୁଭାଷୀ ଶିକ୍ଷାରେ ପଛରେ ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

କେନ୍ଦ୍ରିକଳା ପଂଚାୟତରେ ନାଏବ ସରପଂଚଙ୍କ କାର୍ଯ୍ୟଭାର ଗ୍ରହଣ

ବଣାଇଁ, ୨୧/୦୨ (ଆ.ପ୍ର) : ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ପଂଚାୟତର ସରପଂଚ ଏବଂ ୱାର୍ଡ ମେମ୍ବରଙ୍କ ମଧ୍ୟରେ ବାର୍ଷିକ ବିନ ଆନନ୍ଦଗତ ଲଢେଇରେ ୱାର୍ଡ ମେମ୍ବରଙ୍କ ବିଜୟୀ ହୋଇ ଥିବା ବେଳେ ନିଜର ପଦ ହରାଇଲେ କେନ୍ଦ୍ରିକଳା ପଂଚାୟତ ସରପଂଚ ବୋଲି ଜଣାପଡିଛି । ତେବେ ସୂତନା ଅନୁଯାୟୀ ଜିଲ୍ଲାପାଳଙ୍କ ପଦକ୍ଷେପ ସୂଚୁପ୍ର ବିଜ୍ଞପ୍ତି ପତ୍ରସଂଖ୍ୟା - ୧୬୮-ପ୍ରକାଶ କରି କେନ୍ଦ୍ରିକଳା ପଂଚାୟତ ସରପଂଚଙ୍କୁ ତାଙ୍କ ପଦରୁ ହଟାଇ ନାଏବ ସରପଂଚ ଲଢେଇ ପାତ୍ରକୁ କେନ୍ଦ୍ରିକଳା ପଂଚାୟତ ନିର୍ବାହୀ ଅଧିକାରୀ ଦୀପକ କିଷାନଙ୍କ ଉପସ୍ଥିତିରେ କେନ୍ଦ୍ରିକଳା ପଂଚାୟତର ନାଏବ ସରପଂଚ ଲଢେଇ ପାତ୍ର ଆଜି ଠାରୁ ପଂଚାୟତ ଦାୟିତ୍ୱ ତୁଲାଇ ଥିବା ସୂଚନା ମିଳିଛି । ତେବେ ଏହି ଲଢେଇ ବାର୍ଷିକ ବିନର ଆନନ୍ଦଗତ ଲଢେଇ ଓ ଛକାପଞ୍ଜା ପରେ ଗତ ୧୧.୦୨.୨୦୨୬ ଦିନ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓଡ଼ିଶା ପୂର୍ବତନ ସରପଂଚଙ୍କ ଦାଖଲ କରିଥିବା ମାମଲା ୧୧୩୯୫/୨୦୨୫କୁ ଖାରଜ କରିଦେଇଛନ୍ତି ଏବଂ ଉକ୍ତ ଘଟଣାରେ ପ୍ରଶାସନିକ ଅଧିକାରୀଙ୍କ ନିଷ୍ପତ୍ତି ଠିକ୍ ଥିବା କହିଛନ୍ତି । ପ୍ରକାଶଥାଉ କି ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ୱାର୍ଡ ସଭ୍ୟ ମିଳିକ ଜଣାପଡିଛି । ତେବେ ଆଜି କେନ୍ଦ୍ରିକଳା ପଂଚାୟତର ନିର୍ବାହୀ ଅଧିକାରୀ ଶ୍ରୀ ଦୀପକ କିଷାନ ଉପସ୍ଥିତ ରହି ଥିବା ବେଳେ ବାଇଧର ପାତ୍ର, ନରେନ୍ ନାଏକ , ଗୀତା ନାଏକ, ରିନା କିଷାନ, ସୁମନ ନାଏକ, ଶିବାଜୀ କିଷାନ , ଲତା କିଷାନ, ସନ୍ତୋଷ ପାତ୍ର, ସୁଲୋଚନା କିଷାନ ଉପସ୍ଥିତରେ ନାଏବ ସରପଂଚ ନିଜର କେନ୍ଦ୍ରିକଳା ପଂଚାୟତ ସରପଂଚ ଦାୟିତ୍ୱ ଗ୍ରହଣ କରିଛନ୍ତି ବୋଲି ଜଣାପଡିଛି ।

ଛାତ୍ରଙ୍କ ଭବିଷ୍ୟତ ଓ ସୁରକ୍ଷା ପାଇଁ ଉତରଦାୟୀ କିଏ ? ମେଟ୍ରିକ୍ ପରୀକ୍ଷା ଦେବାକୁ ଟ୍ରାକ୍ଟରରେ ଗଲେ ଛାତ୍ର

କାଳିଗୁଡ଼ା, ୨୧/୦୨ (ଆ.ପ୍ର) : ମେଟ୍ରିକ୍ ପରୀକ୍ଷା ଦେବାକୁ ଟ୍ରାକ୍ଟରରେ ପରୀକ୍ଷା କେନ୍ଦ୍ରକୁ ଗଲେ ଛାତ୍ର । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କାଳିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଅଂଚଳରୁ । ଯାହାର ଚିତ୍ର ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ସୂଚନା ପ୍ରକାରେ ମେଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ କ.ନୂଆଗାଁ ସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବର୍ଗମ ଶ୍ରେଣୀର ଛାତ୍ରମାନେ ପରୀକ୍ଷା ଦେବାକୁ ଟ୍ରାକ୍ଟର ଯୋଗେ କୁଦୁମୁଲି ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ । ବିଦ୍ୟାଳୟରୁ ପରୀକ୍ଷା କେନ୍ଦ୍ର ମାତ୍ର ତିନି କିଲୋମିଟର ଦୂରତା ହୋଇଥିବା ସତ୍ତ୍ୱେ ଅତି ବିପଦପୂର୍ଣ୍ଣ ଭାବରେ ଟ୍ରାକ୍ଟର ଡ଼ାଲାରେ ବସି ପରୀକ୍ଷା କେନ୍ଦ୍ରକୁ ଯାଉଥିବା ଦୃଶ୍ୟକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବାର୍ଯ୍ୟବହାରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅତି ବେପରୁଆ ମନୋଭାବ ପୋଷଣ କରି ବିଦ୍ୟାଳୟ କର୍ତ୍ତୃପକ୍ଷ କିଭଳି ଟ୍ରାକ୍ଟରରେ ଯିବାକୁ ପରୀକ୍ଷା କେନ୍ଦ୍ରକୁ ଛାତ୍ରିଙ୍କୁ ସାଙ୍ଗରେ କେହି ଗାଇଡ଼, ଶିକ୍ଷକ କିମ୍ବା ବିଦ୍ୟାଳୟର କର୍ମଚାରୀଙ୍କୁ ଦେଖିବାକୁ ମିଳିନଥିଲା । ଜିଲ୍ଲା ପ୍ରଶାସନ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଅଂଚଳବାସୀ ଦାବି କରିଛନ୍ତି । ଏ ନେଇ କ.ନୂଆଗାଁ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେଜର କୁମାର ରଥ କହିଛନ୍ତି ଯେ, ଟ୍ରାକ୍ଟର ଡାଲା ରେ ବସି ଯାଉଥିବା ଛାତ୍ର ଆମ ବିଦ୍ୟାଳୟର ଛାତ୍ର କି ଆଉ କେଉଁ ବିଦ୍ୟାଳୟ ର ସେ ନେଇ ସ୍ପଷ୍ଟ ହୋଇନାହିଁ ଓ ଯଦିବି ଛାତ୍ର ମାନେ ଯେଉଁ ବି ବିଦ୍ୟାଳୟର ମଧ୍ୟ ଦୁଅନ୍ତୁ ଏପରି ଟ୍ରାକ୍ଟର ଡାଲା ରେ ବସି ପରୀକ୍ଷା କେନ୍ଦ୍ରକୁ ଯିବା ଘଟଣା ଅନୁଚିତ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି ଓ ତେବେ ଯେଉଁ ଟ୍ରାକ୍ଟର ଡାଲାରେ ବସି ଛାତ୍ର ମାନେ ଯାଇଥିଲେ ସେହି ଟ୍ରାକ୍ଟର ଡ୍ରାଇଭର ଜିପରି କେଉଁ ପରିସ୍ଥିତିରେ ଛାତ୍ରଙ୍କୁ ବସାଇ ନେଇଥିଲେ ସେହି ଡ୍ରାଇଭରଙ୍କ ବିରୋଧରେ ଏବଂ ଦିଆଯିବ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି ଓ ପରୀକ୍ଷା କେନ୍ଦ୍ରକୁ ଛାତ୍ର ଛାତ୍ରୀଙ୍କୁ ନେବା ପାଇଁ ବିଭାଗ ପକ୍ଷରୁ ଯେପରି କିଛି ବ୍ୟବସ୍ଥା ନଥିବା ବେଳେ ଅଭିଭାବକ ନିଜ ଦାୟିତ୍ୱରେ ପିଲାଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଉଚିତ ବୋଲି କହିଛନ୍ତି ଓ ତେବେ ପୁଣି ଜଡୁଛି ବିପଦ ସଂକୁଳ ଅବସ୍ଥାରେ ପରୀକ୍ଷା କେନ୍ଦ୍ରକୁ ଟ୍ରାକ୍ଟର ଡାଲା ରେ ବସି ଯାଇଥିବା ଛାତ୍ର ଙ୍କ ଭବିଷ୍ୟତ ଓ ସୁରକ୍ଷା ପାଇଁ ଉତରଦାୟୀ କିଏ । ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ସରକାର ନିଜ ଦୋଷ ଲୁଚାଇବାକୁ ଯାଇ ଅନ୍ୟ ମୁଣ୍ଡରେ ହାତ ଥୋଇ ନିଜ ଦୋଷ କୁ ଲୁଚେଇବା କେତେ ଦୂର ଠିକ୍ ତାହା ସମୟ ହିଁ କହିବ ।

ଦ୍ୱନ୍ଦରେ ୪୦ ଫୁଟ ଉଚ୍ଚତାରେ ବିଜୁବାବୁଙ୍କ ପ୍ରତିମା

ଯାଜପୁର, ୨୧/୦୨ (ଆ.ପ୍ର) : ଦିନଥିଲା ସାରା ବିଶ୍ୱର ପରିଚିତ ବ୍ୟକ୍ତି ଥିଲେ ସ୍ୱର୍ଗତ ବିଜୁ ପଟ୍ଟନାୟକ । ବିଶାଳ ବ୍ୟକ୍ତିତ୍ୱ ଥିବା ବିଜୁବାବୁଙ୍କ ନିର୍ମାଣଧୀନ ପ୍ରତିମା ଟି ଏବେ ଯାଜପୁର ସହରର ବୋଝ ହୋଇଯାଇଛି । ସ୍ୱର୍ଗରେ ଥାଇ ମଧ୍ୟ ବିଜିନ୍ସ ପ୍ରଚାରର ଚର୍ଚ୍ଚାର ପରିସର ଭିତରେ ବୁଡିଥାଣ୍ଡା ଜାଲ ପରି ଛନ୍ଦି ହେବା ସହ, ଏହି ପ୍ରତିମା ନିର୍ମାଣ ଟିକୁ ନେଇ ବିଜିନ୍ସ ତର୍କ ବିତର୍କ ଆରମ୍ଭ ହୋଇଯାଇଛି । ପ୍ରତିମାଟିକୁ କିପରି ସୁରକ୍ଷିତ ରଖିବା ସହିତ ସଠିକ୍ ସ୍ଥାନ ନିରୂପଣ କରି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନିର୍ମାଣଧୀନ ମୂର୍ତ୍ତି ଟିକୁ ବସାଇବା ଦରକାର,ସେ ପର୍ଯ୍ୟାୟରେ ଯାଜପୁର ସହରର ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ବିଚାର ବିମର୍ଶ କରିବା ଦରକାର । ଏହା ଯାଜପୁର ପାଇଁ ଏକ ଗୌରବ କଥା । ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଏହି ସବୁ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚେତିକ ବସିଥିଲେ ଆଜି ସ୍ୱର୍ଗତ ବିଜୁ ପଟ୍ଟନାୟକ ଏପରି ବାଦବିବାଦ ମଧ୍ୟ ରେ ଛନ୍ଦି ହୋଇନଥାନ୍ତେ । କେଉଁଠୁ ଟଙ୍କା ଆସିଲା ଏବଂ ଏହାକୁ କେଉଁ ବିଭାଗ କାର୍ଯ୍ୟକାରୀ କରିଲା ଏହାର ବ୍ୟକ୍ତିକ୍ରମ ଦେଖିବାକୁ ମିଳିଛି ସତ୍ୟ, କିନ୍ତୁ ଯିଏ ବି ଏଥିରି ପଦକ୍ଷେପ ନେଇଛନ୍ତି, ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ଯାଜପୁରର ବିକାଶର ଏକ ମାର୍ଗ । ଏହା ସତ୍ୟ ଯଯାତି କେଶରୀ ମେଡିକାଲ କଲେଜ ଚାର ସମ୍ପୂର୍ଣ୍ଣ କାର୍ଯ୍ୟ ଆରମ୍ଭ କଲେ ବହୁ ସମସ୍ୟା ସୃଷ୍ଟି ହେବ । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ସଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

ଗୋଠଗାଁ ପୋଷ୍ଟମ୍ୟାନଙ୍କ ଆକସ୍ମିକ ମୃତ୍ୟୁ

ପାଟପୁର, ୨୧/୦୨ (ଆ.ପ୍ର) : ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡା ଥାନା ଅନ୍ତର୍ଗତ ଗୋଠଗାଁ ପୋଷ୍ଟମ୍ୟାନଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ପୋଷ୍ଟମ୍ୟାନ ଜଣକ ହେଲେ ବ୍ରହ୍ମପଟି ଜିଲ୍ଲା ରାମଗିରି ବ୍ଲକ ଗୁଡ଼ିସାହିର ଅର୍ଜୁନ ରଉତଙ୍କ ପୁତ୍ର ଗିରିଧାରୀ ରଉତ (୨୭) । ସୂଚନା ଅନୁସାରେ ପାଟପୁର ବ୍ଲକ ଖରଣ୍ଡିଗଡ଼ା ପଂଚାୟତ ଅନ୍ତର୍ଗତ ଗୋଠଗାଁ ଗ୍ରାମର ପୋଷ୍ଟ ଅଫିସରେ ପ୍ରାୟ ଚାରି ବର୍ଷ ଧରି ପୋଷ୍ଟମ୍ୟାନ ଭାବରେ କାର୍ଯ୍ୟରତ ଥିଲେ । ଗ୍ରାମରେ ଗୋଟେଏ ଭୋଜି ପାର୍ଟୀରୁଥା ବେଳେ ପାର୍ଟୀ ଗ୍ରାମର କିଛି ଲୋକ ପୋଷ୍ଟମ୍ୟାନଙ୍କ ଘରକୁ ଯାଇଥିଲେ । ସେଠାରେ ପୋଷ୍ଟମ୍ୟାନ ଜଣକ ଚେତାଶୂନ୍ୟ ହୋଇ ପଡ଼ିରହିଥିବା ଜାଣି ବାହାରକୁ ଆସି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ । ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପୋଷ୍ଟମ୍ୟାନ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର ଉକ୍ତ ପୋଷ୍ଟମ୍ୟାନଙ୍କର ମୃତ ଘୋଷଣା କରିଥିଲେ । ଖବର ପାଇ ଜରଡା ପୋଲିସ ପାଟପୁର ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ ଜରଡା ପୋଲିସ ସହିତ ଯୋଗାଯୋଗ କରିବାରୁ ପୋଷ୍ଟମ୍ୟାନ ଗିରିଧାରୀ ରଉତଙ୍କ ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପ୍ରେରଣ କରିଥିବା ନେଇ ଜରଡା ଥାନା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

ଚୌଦ୍ୱାର ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ'

ଟାଙ୍ଗୀ ଚୌଦ୍ୱାର, ୨୧/୦୨ (ଆ.ପ୍ର) : ଚୌଦ୍ୱାର ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ମାତୃଭାଷା ଦିବସ ତା ୨୧-୦୨-୨୦୨୬ (ଶନିବାର) ଅଧ୍ୟକ୍ଷ ରଶ୍ମି ରଞ୍ଜନରାୟଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଆଲୋଚନାରେ ଭାଷା ଜାତିର ପରିଚୟ ଏକତା ସୃଷ୍ଟିର ଏକ ମାତ୍ର କାରଣ ଯାହାକି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସମ୍ପ୍ରୟ ଆଣିବା ସହିତ ଜାତି ପ୍ରତି ସୃଷ୍ଟି କରିଥାଏ ଏବଂ କିଭଳି ଭାବେ ଭାଷା ଆମର ଜୀବନ । ଜୀବନ କିଭିବାରେ ଭାଷାର ଭୂମିକା ଓ ଭାଷାର ମହତ୍ୱ ବିଷୟରେ ଏବଂ ପୁରେଟି ଭାଷା ପାଇଁ ଲଢ଼ିଥିବା ଆଲୋଚକଙ୍କ ବିଷୟରେ ଛାତ୍ରଛାତ୍ରୀଙ୍କୁସମ୍ପାଳ ଆଲୋଚନା କରାଯାଇଥିଲା । ଉକ୍ତ ଦିବସରେ ଯୁକ୍ତ ତିନି ଓଡ଼ିଆ ବିଭାଗର ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ବିଭାଗର ମୁଖ୍ୟ ବ୍ରହ୍ମ ପ୍ରମୁଖ, କୁମାର ସାହୁ, ପ୍ରାଧ୍ୟକ ପ୍ରଭାକର ମିଶ୍ର ଅଧ୍ୟାପିକା ବନିତା ସ୍ୱାଇଁ, ଅଧ୍ୟାପିକା ସଂଘମିତ୍ରା ଦାସ, ଅଧ୍ୟାପକ ଶିବୁ କିଷାନ, ଅଂଶଗ୍ରହଣ କରିଥିଲେ । ସଭା ଶେଷରେ ଡ଼କ୍ଟର ବୀରସେନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ମୈଦଳପୁର ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମୈଦଳପୁର, ୨୧/୦୨ (ଆ.ପ୍ର) : ମୈଦଳପୁର ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ଯୁଗଳ ଶବର ମହାଶୟଙ୍କୁ (ଏସ୍‌ଏଚ୍‌ଓ) ମୈଦଳପୁର ଶ୍ରୀଷିଆନ ବିକାଶ ପରିଷଦର ସଭାପତି ସଞ୍ଜୀବ କୁମାର ନାଗ, ଉପସଭାପତି ଶରତ ଚନ୍ଦ୍ର ଜାଲ, କମିଟି ସଭ୍ୟ ରୋଜେ, ବିରାଜମୋହନ କନ୍ଧପାଣି,ସମ୍ପାଦକ ଆଚାର୍ଯ୍ୟ ନିର୍ମିମିୟା ବର୍ଦ୍ଧନ, ସହସମ୍ପାଦକ ରୋଜେ. ସୁଧୀର କୁମାର ନାୟକ, କୋଷାଧକ୍ଷ ଚନ୍ଦ୍ରଶେଖର ପାହାଡ଼ସିଂ (ସାମ୍ବାଦିକ)ଓ କମିଟିର ଅନ୍ୟ ସଦସ୍ୟମାନେ ଫୁଲଗୋଛା ଦେଇ ସ୍ୱାଗତ କରି ପାପଡାହାଣ୍ଡି ବ୍ଲକ ତଥା ମୈଦଳପୁର ଥାନା ଅଧୀନରେ ଆସୁଥିବା ସମସ୍ତ ଗ୍ରାମ ଗୁଡିକରେ ସବୁ ଧର୍ମ ଓ ଜାତୀ ଲୋକଙ୍କ ସହିତ କିପରି ଭାଇଚାରା ଓ ଶାନ୍ତିର ସହିତ ବସବାସ କରି ସମାଜର ଉନ୍ନତି କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ।

ନୂଆଟିପିଲେଇ ଗ୍ରାମରେ ଅଷ୍ଟପ୍ରହର ନାମସଂଙ୍କ

ଭୁବନ, ୨୧/୦୨ (ଆ.ପ୍ର) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଗୁପ୍ତେଶ୍ୱରପୁର ପଂଚାୟତ ନୂଆଟି ପିଲେଇ ଗ୍ରାମରେ ଅଷ୍ଟପ୍ରହର ନାମସଂଙ୍କ ଉତ୍ସବାପିତ ହୋଇଯାଇଛି । ଆଖପାଖ ଅଂଚଳର ୨୦ଟି ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗଦେଇଥିଲେ । ଏହି ଅବସରର ସନ୍ଧ୍ୟାରେ ଡମରାଳା ନଦୀରୁ ଯଥାବିଧି ଶୁଭଲଗ୍ନସ୍ଥ ଗ୍ରାମର ଟେଡନ ବେହେରା ଗୁଣାନ୍ତ ବଜେଲ, ରମାକାନ୍ତ ବଜେଲ, ପ୍ରକାଶ ବଜେଲ, ବିଦ୍ୟାଧର ବଜେଲ, ଶରତ ବଜେଲ ମହେଶ୍ୱର ବେହେରା, ଜମାକାନ୍ତ ବଜେଲ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ମଧ୍ୟରେ ଆଣି ସ୍ଥାପନ କରିଥିଲେ । ପ୍ରଥମ ଦିବସରେ ଶୋଭାଯାତ୍ରା, ଅଧିବାସ, ଘୋଟସଂଙ୍କ ଓ ପୂଜାକାର୍ଯ୍ୟ କରାଯାଇଥିଲା । ଗ୍ରାମର ସଭାପତି ଗଣେଶ୍ୱର ସାମଲଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଦାବିପତ୍ର ପ୍ରଦାନ

ଜଗତସିଂହପୁର, ୨୧/୦୨ (ଆ.ପ୍ର) : ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଆଜି ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଏକ ବିଶାଳ

ଦୈନିକ
ଆରମ୍ଭ
SEITHO ARAMBHA

ରବିବାର, ୨୨ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ -୨୦୨୬ ପାଳିତ

ପାରଳାଖେମୁଣ୍ଡି, ୨୧/୦୨ (ଆ.ପ୍ର) : ଜିଲ୍ଲା ସାମାଜିକ ସୁରକ୍ଷା ଓ ଜିନ୍ଦୁଶମ ସଶକ୍ତିକରଣ ବିଭାଗ , ଗଜପତି ପକ୍ଷରୁ ସ୍ଥାନୀୟ ଗ୍ରାମୀଣ ଆତ୍ମନିର୍ଭରଶୀଳ ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ - ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ସମସ୍ତ ବରିଷ୍ଠ ନାଗରିକ ଯୋଗଦେଇ ତତ୍ତ୍ୱାବଧାନରେ ଯୋଗ କରିଥିଲେ ଓ ସେମାନଙ୍କର ନାମ ପଞ୍ଜୀକରଣ ପରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ବିଜିନ୍ଦୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତର ଯୋଗ ଦେଇଥିଲେ ଏବଂ ବରିଷ୍ଠ ନାଗରିକଙ୍କ ବିଜିନ୍ଦୁ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରିବା ସଙ୍ଗେ ସଙ୍ଗେ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ୧୯୨ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିବା ବେଳେ ୧୮୭ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ଅନୁପ ପଣ୍ଡା, ଉପ ଜିଲ୍ଲାପାଳ, ପାରଳାଖେମୁଣ୍ଡିଙ୍କ ଆତ୍ମନିର୍ଭରଶୀଳ ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ - ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ସମସ୍ତ ବରିଷ୍ଠ ନାଗରିକ ଯୋଗଦେଇ ତତ୍ତ୍ୱାବଧାନରେ ଯୋଗ କରିଥିଲେ ଓ ସେମାନଙ୍କର ନାମ ପଞ୍ଜୀକରଣ ପରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ବିଜିନ୍ଦୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତର ଯୋଗ ଦେଇଥିଲେ ଏବଂ ବରିଷ୍ଠ ନାଗରିକଙ୍କ ବିଜିନ୍ଦୁ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରିବା ସଙ୍ଗେ ସଙ୍ଗେ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ୧୯୨ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିବା ବେଳେ ପାରଳାଖେମୁଣ୍ଡି, ୨୧/୦୨ (ଆ.ପ୍ର) : ଜିଲ୍ଲା ସାମାଜିକ ସୁରକ୍ଷା ଓ ଜିନ୍ଦୁଶମ ସଶକ୍ତିକରଣ ବିଭାଗ , ଗଜପତି ପକ୍ଷରୁ ସ୍ଥାନୀୟ ଗ୍ରାମୀଣ ଆତ୍ମନିର୍ଭରଶୀଳ ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ - ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ସମସ୍ତ ବରିଷ୍ଠ ନାଗରିକ ଯୋଗଦେଇ ତତ୍ତ୍ୱାବଧାନରେ ଯୋଗ କରିଥିଲେ ଓ ସେମାନଙ୍କର ନାମ ପଞ୍ଜୀକରଣ ପରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ବିଜିନ୍ଦୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତର ଯୋଗ ଦେଇଥିଲେ ଏବଂ ବରିଷ୍ଠ ନାଗରିକଙ୍କ ବିଜିନ୍ଦୁ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରିବା ସଙ୍ଗେ ସଙ୍ଗେ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ୧୯୨ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିବା ବେଳେ

ଶ୍ରୀମାଙ୍କ ଜୟନ୍ତୀ ପାଳିତ

ଖୋର୍ଦ୍ଧା, ୨୧/୦୨ (ଆ.ପ୍ର) : ଖୋର୍ଦ୍ଧା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ବିଦ୍ୟାଳୟର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନଙ୍କୁ ନେଇ ଏକ ପାଠ ଚକ୍ର ଆୟୋଜନ କରାଯାଇଥିଲା । ଏଥିରେ ମିନତୀ ସାହୁ, ଦୁର୍ଗାସ୍ତୋତ୍ର ପାଠ କରିଥିଲେ, ମମତା ସାହୁ ଧ୍ୟାନ ପ୍ରାର୍ଥନା ପାଠ କରିଥିଲେ । ମା' ବହିର ୩୩ ଅଧ୍ୟାୟ ଶାଶ୍ୱତୀ ରାଉତରାୟ ପାଠ କରିଥିବା ବେଳେ ଦିପ୍ତିମୟୀ ସାହୁ ଚିରନ୍ତନୀ ପାଠ କରିଥିଲେ । ଏଥିରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ସୁରତିର ଗଜ, କବିତା, ଚିତ୍ର ଇତ୍ୟାଦି ହାଉଲେଖ 'ସ୍ମୃତିରୁ' ପଢ଼ିଛାଡ଼ୁ ବିଦ୍ୟାଳୟର ଶାଶ୍ୱତୀ ରାଉତରାୟ ଓ ମମତା ସାହୁ ଜଦଘାଟନ କରିଥିଲେ। ପରିଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

ଜୁନାଗଡ଼ ରୋଡ୍-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍‌ର ଉଦଘାଟନୀ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କଲେ ସାଂସଦ ମାଳବିକା ଦେବି

ଭବାନୀପାଟଣା, ୨୧/୦୨ (ଆ.ପ୍ର) : ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ହାଓଡ଼ା-ଟିଟଲାଗଡ଼ ଇସ୍ପାତ ଏକ୍ସପ୍ରେସ୍‌କୁ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି । ଏହି ସମ୍ପ୍ରସାରଣ ଦ୍ୱାରା ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଯାତ୍ରା ସୁବିଧା ବଢ଼ିବା ସହ ଯାତାୟାତ ସୁଗମତା ଓ ଆର୍ଥିକ-ସାମାଜିକ ସୁଯୋଗ ମଧ୍ୟ ବୃଦ୍ଧି ହେବ ବୋଲି ଆଶା କରାଯାଇଛି । ଜୁନାଗଡ଼ ରୋଡ୍ ଓ ଟିଟଲାଗଡ଼ ମଧ୍ୟରେ ବିସ୍ତାରିତ ନୂଆ ରେଳ ଅଂଶର ଉଦଘାଟନୀ ଟ୍ରେନ୍‌କୁ ଆଜି ଜୁନାଗଡ଼ ରୋଡ୍ ଷ୍ଟେସନରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଉପସ୍ଥିତ ରହି ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଉଦଘାଟନୀ ଟ୍ରେନ୍‌ରେ ଯାତ୍ରା କରି ଭବାନୀପାଟଣା ପର୍ଯ୍ୟନ୍ତ ମଧ୍ୟ ଯାଇଥିଲେ । ରେଳ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ଏହି ସମ୍ପ୍ରସାରିତ ସେବାର ନିୟମିତ ଚଳାଚଳ ଆଗାମୀ ୨୧ ଫେବୃଆରୀ ୨୦୨୬ ଠାରୁ ଆରମ୍ଭ ହେବ । ଟ୍ରେନ୍ ନମ୍ବର ୧୨୮୭୧ ହାଓଡ଼ା-ଟିଟଲାଗଡ଼ ଇସ୍ପାତ ଏକ୍ସପ୍ରେସ୍ ଏବେ ଟିଟଲାଗଡ଼ ଠାରୁ ଆଗକୁ ବଢ଼ି ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ୨୧ ଫେବୃଆରୀ ୨୦୨୬ ରୁ ହାଓଡ଼ାରୁ ଯାତ୍ରା ଆରମ୍ଭ କରିବ । ସେହିପରି ଟ୍ରେନ୍ ନମ୍ବର ୧୨୮୭୨ ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ୨୨ ଫେବୃଆରୀ ୨୦୨୬ ଠାରୁ ଜୁନାଗଡ଼ ରୋଡ୍ ଷ୍ଟେସନରୁ ଚଳାଚଳ କରିବ । ସମ୍ପ୍ରସାରିତ ହାଓଡ଼ା-ଟିଟଲାଗଡ଼-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ଟିଟଲାଗଡ଼ ଓ ଜୁନାଗଡ଼ ରୋଡ୍ ମଧ୍ୟରେ ବେଗିଡା, ଲାଞ୍ଜିଗଡ଼ ରୋଡ୍ ଓ ଭବାନୀପାଟଣା ଷ୍ଟେସନରେ ରୁକଣି କରିବ । ହାଓଡ଼ା ଓ ଟିଟଲାଗଡ଼ ମଧ୍ୟରେ ପୂର୍ବବତୀ ସମୟ ରୁକଣି ଓ ସମୟସାରଣୀ ଅପରିବର୍ତ୍ତିତ ରହିବ । ଏହି ଟ୍ରେନ୍ ହାଓଡ଼ା ଓ ଟିଟଲାଗଡ଼ ମଧ୍ୟରେ ସୁପରଫାଷ୍ଟ ଏକ୍ସପ୍ରେସ୍ ଭାବରେ ଏବଂ ଟିଟଲାଗଡ଼ ଓ ଜୁନାଗଡ଼ ରୋଡ୍ ମଧ୍ୟରେ ମେଲ୍/ଏକ୍ସପ୍ରେସ୍ ସେବା ଭାବରେ କାର୍ଯ୍ୟ କରିବ । ଏହା ପୂର୍ବରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଗରିମା ସିଂହାରୀ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ,ରେଳ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଏହି ଐତିହାସିକ ମୁହূର୍ତ୍ତର ସାକ୍ଷୀ ହୋଇଥିଲେ ।

ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ରାୟଗଡ଼, ୨୧/୦୨ (ଆ.ପ୍ର) : ସ୍ଥାନୀୟ ଇନ୍ଦିରା ନଗର ଛକ ପ୍ରଥମିକ ବିଦ୍ୟାଳୟ ଠାରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ସିଆରସିସି ସବାନାହ ନାୟକ ଯୋଗଦେଇ ମାତୃଭାଷା ଦିବସର ମହତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ପିଲାଙ୍କ ମଧ୍ୟରେ ନିବନ୍ଧ, କବିତା ବକ୍ତୃତା ଆଦି ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ସଭାଙ୍କୁ ମାତୃଭାଷା ବ୍ୟବହାର ସମ୍ପର୍କରେ ଶପଥପାଠ କରିଥିଲେ । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡାଙ୍କ ସହ ବାସବୀ ମିଶ୍ର, ନାଳାଂଚଳ ମିଶ୍ର, ମନୋରମା ସାହୁ, ମଧୁମିତା ତ୍ରିପାଠୀ ପ୍ରମୁଖ ମଂଚାସୀନ ଥିଲେ ଓ ସମସ୍ତ ଛାତ୍ର, ଛାତ୍ରୀ ଯୋଗଦେଇଥିଲେ ।

ଟାଙ୍ଗୀରେ କାହ୍ନୁବାବୁଙ୍କ ସ୍ମୃତିସଭା



ଟାଙ୍ଗୀ ଚୌଦ୍ୱାର, ୨୧/୦୨ (ଆ.ପ୍ର) : କଟକ ଜିଲ୍ଲା ଟାଙ୍ଗୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ରାଜ୍ୟମନ୍ତ୍ରୀ, ତଥା ପୂର୍ବ ଟାଙ୍ଗୀ ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ବିଧାୟକ ବିଶିଷ୍ଟ କଂଗ୍ରେସ ନେତା ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ଶ୍ରାଦ୍ଧୋତ୍ତରରେଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କଂଗ୍ରେସ ନେତା ସେଖ ଅବଦୁଲ ସଲିମଙ୍କ ଯୌଥନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସ୍ମୃତି ସଭାରେ ଟାଙ୍ଗୀ ସାଲେପୁର କଂଗ୍ରେସ ସଂଗଠନ ହରିବନ୍ଧୁ ସତପଥି, କଟକ ଜିଲ୍ଲା କୃଷକ କଂଗ୍ରେସ ସଭାପତି ନିମାଇଁ ଚରଣ ରାଉତରାୟ, ଜିଲ୍ଲା ଓ ବିସି କଂଗ୍ରେସ ସଭାପତି ପ୍ରଭାତ ମଲ୍ଲିକ, ରାଜ୍ୟ ଓ ବି ସି ସେଲର ପୂର୍ବତନ ଅଧ୍ୟକ୍ଷ ବିଶ୍ୱଚରଣ ବାରିକ, ଟାଙ୍ଗୀ ସାଲେପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରବାନ୍ଦ୍ର କୁମାର କର, ଚୌଦ୍ୱାର ନଗର ଯୁବ କଂଗ୍ରେସ ପୂର୍ବତନ ସଭାପତି ଆଲକାଳୀଦାବୀ ଜେନାଙ୍କ ଚନ୍ଦ୍ର ସାହାଣୀ, ବରିଷ୍ଠ କଂଗ୍ରେସ ନେତା ନଳିନୀକାନ୍ତ ବେହେରା, ମାୟାଧର ନାୟକ, ନିରଞ୍ଜନ ନାୟକ, ରାବାଣ୍ଡ ବିଶ୍ୱାଳ, ପ୍ରଦୀପ ଲେଙ୍କା, ବଂଶୀଧର ସାହୁ, ସୁଭାଷ ନାୟକ, ମନୋଜ ଖିଲାଳ, ଫକୀର ଜେନା ପ୍ରମୁଖ ବହୁ କଂଗ୍ରେସ କର୍ମୀ ସ୍ୱର୍ଗତ ଶ୍ରୀ ଲେଙ୍କାଙ୍କର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ତଥା ସାଂଗଠନିକ ଦକ୍ଷତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

ରୁପାପଲ୍ଲୀ ଗ୍ରାମରେ ବାବା କପିଳେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖଣ୍ଡପଡ଼ା, ୨୧/୦୨ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକର ସିଂଗାପଡା ପଂଚାୟତ ଅଧୀନ ରୁପାପଲ୍ଲୀ ଗ୍ରାମରେ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ପାରମ୍ପରିକ ପ୍ରଥାନୁଯାୟୀ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ଗ୍ରାମବାସୀଙ୍କ ଆର୍ଥିକ ସାହାର୍ଯ୍ୟ ସହଯୋଗରେ ନିର୍ମିତ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ଅଙ୍କୁରାରୋପଣ, ଝାଉଳିଷେକ ଆଦି ମାଙ୍ଗଳିକ କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି । ବ୍ରାହ୍ମଣ ସମାଜର ପୁରୋଧାମାନଙ୍କ ଦ୍ୱାରା ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଏହି ଅବସରରେ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଭରପୂରମୁଖର ହୋଇ ଉଠିଥିବା ବେଳେ ସିଂଗାପଡା ଫଂଚାୟତର ପୂର୍ବତନ ସରପଂଚ ପରମାନନ୍ଦ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଆଜନ ଚନ୍ଦ୍ର ସାହୁ, ସରପଂଚ ସୁଶିଲ କୁମାର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ଜଣାପଡିଛି । ଆସନ୍ତା ସୋମବାର ମନ୍ଦିରରେ ବିଗ୍ରହମାନଙ୍କ ପ୍ରାଣର ସହ ଅପ୍ରାଣ୍ଟରେ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ସମ୍ପନ୍ନ ହେବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି ।

ଭଦ୍ରକ ଜିଲ୍ଲା ପ୍ରଶାସନର ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ

ଭଦ୍ରକ, ୨୧/୦୨ (ଆ.ପ୍ର) : ସ୍ଥାନୀୟ ସଭାଘର ସ୍ଥିତ ଭବନରେ ସାମାଜିକ ସୁରକ୍ଷା ଓ ଜିନ୍ଦୁଶମ ସଶକ୍ତି କରଣ ବିଭାଗ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଫେବୃଆରୀ ୨୦ତାରିଖରେ ସାରା ବିଶ୍ୱ ପାଳୁଥିବାବେଳେ ଆମ ଜିଲ୍ଲାରେ ମଧ୍ୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମାନଙ୍କ ଉପସ୍ଥିତିରେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲାପାଳ ବିକାଶ ରାଉତରାୟ, ସଭାଳକି ଅତିଥି ଅତିରିକ୍ତ ଜିଲ୍ଲାପାଳ ଓରୋଜ କୁମାର ବତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରଧାନ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ବିଦେବୀ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ଖମାନକ ଜୈନାଶ ଚନ୍ଦ୍ର ମହାପାତ୍ର, ମହାସଂଘ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଜିଲ୍ଲାଜଜ ର ପ୍ରତିନିଧି ତାପସ କୁମାର ମହାନ୍ତି, ଜିଲ୍ଲା ସଂଗଠ ଅଧିକାରୀଙ୍କ ମୋନାଲିସା ପଣ୍ଡା, ଜିଲ୍ଲା ଲିଡ୍ ବ୍ୟାଙ୍କ ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁଭାଷ ଚନ୍ଦ୍ର ନାୟକଙ୍କ ଉପସ୍ଥିତ ରେ ଜିଲ୍ଲାପାଳ ରାଉତରାୟ ଆଜିର ଦିବସ ବରିଷ୍ଠ ମାନଙ୍କ ପ୍ରତି ସମାଜ ତଥା ପରିବାର ବର୍ଗ ସମ୍ମାନର ସହ ବଂଚିବାର ଅଧିକାର ସହ ବୃଦ୍ଧ ପିତାମାତା ଅବହେଳାର ଶିକାର ଯେପରି ନ ହେବେସେଥିପ୍ରତି ସମସ୍ତଙ୍କ ସ୍ନେହ ଆଜ ଶ୍ରଦ୍ଧା ରଖିଲେ ଏକ ସୁସ୍ଥ ସମାଜ ଓ ଶ୍ରେଷ୍ଠ ରାଜ୍ୟର ସୃଷ୍ଟି ସମ୍ଭବ ହେବ । ଅନ୍ୟତମ ମଂଚାସୀନ ଅତିଥି ବୃଦ୍ଧ ସାମାଜିକ ନ୍ୟାୟ ଦିବସ ଉପରେ ବିଶଦ ଆଲୋଚନା କରି ଥିବା ବେଳେ ବରିଷ୍ଠ ମାନେ ସାଇବର ଠେକେଇର ଶିକାର ନହେବା, ଆଇନଗତ ସେବା, ସମ୍ପତିରେ ଅଧିକାର,ଓ ବରିଷ୍ଠ ନାଗରିକ ସଂଚୟ ଉପରେ ଆଲୋଚନା କରିଥିଲେ । ବୁଜ ଓ ପଂଚାୟତ ସ୍ତରରୁ ସମସ୍ତ ଅଠେଇଶ ଗୋଟି ସଂଘର ସଭ୍ୟ ସଭ୍ୟା ମାନଙ୍କୁ ଉତରୀୟ ଦେଇ ସ୍ୱାଗତ କରିବା ସହ ପଇଁଚାଳିଶ ଜଣ ବୟୋବୃଦ୍ଧ ବ୍ୟକ୍ତିଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନରେ ବରିଷ୍ଠ ହିତରେ କାର୍ଯ୍ୟ କରୁଥିବାରୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରି ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଭାପତିତ୍ୱ କରୁଥିବା ବେଳେ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସଭା ସଂଚାଳନ କରିବା ସହ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ବରିଷ୍ଠ ସହାୟକ ବିଦୁଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରି ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟରୁ ଲୋକନରେ ଆପ୍ୟାୟିତ କରିଥିଲେ । ଏତାଦୃଶ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିବାରୁ ସମସ୍ତ ବରିଷ୍ଠ ନାଗରିକ ଜିଲ୍ଲା ପ୍ରଶାସନର ମୁଖ୍ୟଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ ।

ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଦଣ୍ଡପଲ୍ଲୀ, ୨୧/୦୨ (ଆ.ପ୍ର) : ଦଣ୍ଡପଲ୍ଲୀର ବିଜିନ୍ଦୁ ଶିକ୍ଷାନୁଷ୍ଠାନରେ ଶନିବାର ଦିନ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଇତ୍ୟବସରରେ ବିଜିନ୍ଦୁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଦଣ୍ଡପଲ୍ଲୀ ବ୍ଲକ ବୁଢ଼ୁଜୁଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ଲିଙ୍ଗରାଜ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ

ଅସର ପ୍ରାପ୍ତ ମାଣିଲ ଡ଼ିଂଗ କର୍ମଚାରୀ ପଇଁଚ ଚରଣ ଢାଳୀ ଓ ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ବଣ୍ଡପଲ୍ଲୀ ହିତାଂଚଳ ପ୍ରତିନିଧି ରତ୍ନାକର ହୋତା ଯୋଗଦେଇ ଆଜିର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ତଥ୍ୟ ରଖିଥିଲେ । ଉତ୍ସବରେ ଅଭିଲାଚନ ଓ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ସଭାପତି ସୋନାଚ କୁମାର ଯାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଧ୍ୟାପକରୁ ସଫଳ କୃଷୀ ଉଦ୍ୟୋଗୀ : ଶିଶିର କୁମାର ମହାନ୍ତ



ବାରିପଦା, ୨୧/୦୨ (ଆ.ପ୍ର) : ସମୟ ଥିଲା ଅଧ୍ୟାପନାରେ ଦିନ କଟୁଥିଲା । ପିଲାମା

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୨୨ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ନରୱେ ଚେସ୍ ୨୦୨୬; ଭାଗ ନେବେ ଗୁକେଶ, ପ୍ରଜ୍ଞାନନ୍ଦା, ହମ୍ପି, ଦିବ୍ୟା

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): ଆଗାମୀ ନରୱେ ଚେସ୍ ୨୦୨୬ ପାଇଁ ଖେଳାଳି ତାଲିକା ବୃତ୍ତାନ୍ତ ହୋଇଛି । ଉଭୟ ପୁରୁଷ ଓ ମହିଳା ବର୍ଗରେ ମୋଟ ୪ଜଣ ଭାରତୀୟ ଯଥା ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ, ଆର୍ ପ୍ରଜ୍ଞାନନ୍ଦା, କୋନେରୁ ହମ୍ପି ଓ ଫିଡେ ମହିଳା ବିଶ୍ୱକପ୍ ଚାମ୍ପିଅନ୍ ଦିବ୍ୟା ଦେଶମୁଖ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିବେ । ନରୱେର ଓସ୍ଲୋ ଠାରେ ଆଗାମୀ ମେ' ୨୫ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଜୁନ୍ ୫ ତାରିଖରେ ଶେଷ ହେବ । ଉଭୟ ବର୍ଗରେ ସମାନ ପୁରସ୍କାର ରାଶି ରଖାଯାଇଛି । ପୁରୁଷ ଓ ମହିଳା ବର୍ଗରେ ୬ଜଣ ଲେଖାଏଁ ଖେଳାଳି ଭାଗ ନେବେ । ପୁରୁଷ ବର୍ଗରେ ପ୍ରସିଦ୍ଧ ନରୱେ ଖେଳାଳି ମାଗନସ୍ କାର୍ଲସେନଙ୍କ ସମେତ କର୍ମାନୀର ଲିନସେଂଟ କିମର, ଫ୍ରାନ୍ସର ଅଲିରେଜା ଫିରୋଜା ଓ ୟୁଏସ୍ଏର ୱେସଲି ସୋ ମଧ୍ୟ ସାମିଲ ରହିଛନ୍ତି । କାର୍ଲସେନ ପୂର୍ବରୁ ନରୱେ ଚେସ୍ ଟାଇଟଲ୍ ଜିତିଛନ୍ତି । ସେହିପରି ମହିଳା ବର୍ଗରେ ଦୁଇ ଭାରତୀୟଙ୍କ ବ୍ୟତୀତ ବିଶ୍ୱର ୨ନମ୍ବର ଖେଳାଳି ଚୀନର ଝୁ ଜିନର, ବିଶ୍ୱ ଚାମ୍ପିଅନ୍ ଚୀନର ଲୁ ଝେନକୁନ, ଯୁକ୍ରେନର ଆନ୍ନା ମୁଜିଚୁକ ଏବଂ କାଜାଖସ୍ତାନର ବିବିସାରା ଆସାଇବାୟେଭା ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହେବେ ।

ଭାରତୀୟ ମହିଳା କ୍ରିକେଟ୍ ଦଳର ଐତିହାସିକ ଶୃଙ୍ଖଳା ବିଜୟ

ଅଡିଲେଡ, ୨୧/୨(ନ୍ୟୁ.ଏ): ସ୍ମୃତି ମନ୍ଧାନା ଓ କେମିମା ରଡ଼ିଗ୍ସଙ୍କ ଶତକୀୟ ଭାଗୀଦାରି ବଳରେ ଅଷ୍ଟ୍ରେଲିଆକୁ ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଟ୍ୱେଣ୍ଟି-୨୦ରେ ଅଷ୍ଟ୍ରେଲିଆକୁ ୧୭ ରନ୍‌ରେ ହରାଇ ଦେଇଛି ଭାରତୀୟ ମହିଳା କ୍ରିକେଟ୍ ଦଳ । ଫଳରେ ୩ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ୨-୧ରେ ଜିତି ନେଇଛି । ୨୦୧୭ ମସିହାରେ ପରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ବଳର କୌଣସି ଗୋଟିଏ ଫର୍ମାଟ୍‌ରେ ପ୍ରଥମ ଶୃଙ୍ଖଳା ପରାଜୟ । ଶନିବାର ଭ୍ରମଣକାରୀ ଭାରତୀୟ ବଳ ଟସ୍ ଜିତି ବ୍ୟାଟିଂ କରିବା ପରେ ୧୯ ରନ୍‌ରେ ପ୍ରଥମ ଓ୍ୱିକେଟ୍ ହରାଇଥିଲା । ଦ୍ୱିତୀୟ ଓ୍ୱିକେଟ୍‌ରେ ମନ୍ଧାନା ଓ ରଡ଼ିଗ୍ସ ୧୨୧ ରନ୍ ଯୋଡ଼ିଦ୍ୱା କିଛୁ ଭାରତୀୟ ବଳର ସ୍ଥିତିକୁ ମଜବୁତ କରି ନେଇଥିଲା । ଉଭୟ ଖେଳାଳି ଚେକର୍ଡ ଭାଗୀଦାର ସହ ଅଷ୍ଟ୍ରେଲିଆ ମାଟିରେ ଅର୍ଦ୍ଧଶତକ ଅର୍ଜନ କରିବାର ଗୌରବ ହାସଲ କରିଥିଲେ । ସେହିଭଳି ଶେଷ ଆଡକୁ ଓ୍ୱିକେଟ୍ ଗ୍ରହଣ ବ୍ୟାଟର ରିଚା ଘୋଷ ଦ୍ରୁତ ୧୮ ରନ୍ କରିବାରୁ ଭାରତୀୟ ବଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୭୬ ରନ୍ କରିଥିଲା । ଜବାବରେ ଅଷ୍ଟ୍ରେଲିଆର ପଣ୍ଡାବଧାବନ ପ୍ରଥମ ୪ ଓଭରରେ ହିଁ ବାଟ ଝୁଡ଼ିଥିଲା । ୩ ରନ୍‌ରେ ୩ ଓ୍ୱିକେଟ୍ ହରାଇ ଦଳ ୧୭୬ ରନ୍‌ର ବଡ଼ ଲକ୍ଷ୍ୟକୁ ହାସଲ କରିବା ଦିଗରେ ପଛାଉଛି ପଡ଼େ ଭିତରେ ହିଁ ଚାପଗ୍ରସ୍ତ ହୋଇଥିଲା । ମଧ୍ୟକ୍ରମରେ ଆସଲି ଗାର୍ଡନରଙ୍କ ଛଡ଼ା ଅନ୍ୟ କୌଣସି ଅଷ୍ଟ୍ରେଲୀୟ ବ୍ୟାଟର ଭାରତୀୟ ବୋଲରଙ୍କ ସଠିକ ମୁକାବିଲା କରିପାରି ନଥିଲେ । ଫଳରେ ଘରୋଇ ଦଳ ୯ ଓ୍ୱିକେଟ୍‌ରେ ୧୫୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ମ୍ୟାଚ୍‌ର ସର୍ବୋଚ୍ଚ ପାରି ଖେଳିଥିବା ମନ୍ଧାନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସଂକ୍ଷିପ୍ତ ସ୍କୋର: ଭାରତ ୨୦ ଓଭରରେ-୧୭୬/୬ (ସ୍ମୃତି ମନ୍ଧାନା ୮୨, କେମିମା ରଡ଼ିଗ୍ସ ୫୯, ରିଚା ଘୋଷ ୧୮, ଆନାବେଲ ସଦରଲାଣ୍ଡ ୨/୩୪, କିମ୍ ଗର୍ଥ ୧/୨୫) । ଅଷ୍ଟ୍ରେଲିଆ ୨୦ ଓଭରରେ-୧୫୯/୯ (ଆସଲି ଗାର୍ଡନର ୫୭, ଫୋବେ ଲିଚଫିଲ୍ଡ ୨୬, ଶ୍ରୁତଜା ପାଟିଲ ୩/ ୨୨, ଶ୍ରୀ ଚାରଣୀ ୩/୩୨, ଅରୁନ୍ଧତୀ ରେଡ୍ଡୀ ୨/୩୫) ।

ଲଗାତାର ପଂଚମ ମ୍ୟାଚ୍ ହାରିଲା ଭାରତୀୟ ହକି ଦଳ

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): ଏଫଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକିରେ ଭାରତର ଲଜ୍ଜାଜନକ ପ୍ରଦର୍ଶନ ଜାରି ରହିଛି । ଗାଇରେଲାର ବିର୍ଶା ମୁଣ୍ଡା ଷ୍ଟାଡିୟମ୍‌ରେ ଖେଳିଥିବା ଘରୋଇ ପର୍ଯ୍ୟାୟର ଚାରିଟି ଯାକ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ଅଷ୍ଟ୍ରେଲୀୟ ପର୍ଯ୍ୟାୟ ପ୍ରଥମ ମୁକାବିଲାରେ ୟୁରୋପୀୟ ଶକ୍ତି ସ୍ପେନ୍‌ଠାରୁ ୦-୨ ଗୋଲ୍‌ରେ ହାରିଯାଇଛି । ଫଳରେ କ୍ରମାଗତ ଭାବେ ପଂଚମ ମ୍ୟାଚ୍ ହାରିବାର ଅପଯଶ ମୁଣ୍ଡାଇବା ସହ ଶେଷନମ୍ବର ହକି ଖେଳିବା ଲାଗି ତାତ୍ତ୍ୱ ସମ୍ମାଲୋଚିତ ହୋଇଛି । ଅଷ୍ଟ୍ରେଲିଆର ଘରୋଇ ଦଳ ଖେଳାଯାଇଥିବା ଏହି ପର୍ଯ୍ୟାୟ ଲାଗି ଭାରତୀୟ ଦଳ ହରମନପ୍ରୀତ ସିଂହଙ୍କ ସ୍ଥାନରେ ବୁଲ ଅର ଅଲିମିଆନ୍ ହର୍ଦିକ ସିଂହଙ୍କୁ ଅଧିନାୟକ ନିଯୁକ୍ତ କରିଥିଲା । ଦଳରେ କେତେକ ନୂଆ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ସାମିଲ ମଧ୍ୟ କରାଯାଇଥିଲା । ଏହା ସତ୍ତ୍ୱେ ପଡ଼ିଆ ଭିତରେ ଖେଳାଳିଙ୍କ ତାଳମେଳ, କୌଶଳ ଓ ଗତିରେ ଏହାର କୌଣସି ସକାରାତ୍ମକ ପ୍ରତିଫଳନ ଦେଖିବାକୁ ମିଳି ନଥିଲା । ଫଳରେ ଭଲୟାର୍ଣ୍ଣରେ ଗୋଟିଏ ଲେଖାଏଁ ଗୋଲ୍ ବରାଣ କରି ମ୍ୟାଚ୍ ହାତଛଡ଼ା କରିଥିଲା ଭାରତୀୟ ଦଳ । ମୁଖ୍ୟ ପ୍ରଶିକ୍ଷକ ହେଗ୍ ଫୁଲ୍‌ଟନ୍‌ଙ୍କ ବିଜୟ ଧାରାକୁ ଫେରାଇବା ଦୃଢ଼ାକ୍ତି ସତ୍ତ୍ୱେ ଭାରତୀୟ ରକ୍ଷଣଭାଗ ଶନିବାର ସଜାନରର ଏହି ମ୍ୟାଚ୍‌ରେ ଦଖଲ ମୂଳକ ଖେଳ ପ୍ରଦର୍ଶନ କରି ପାରି ନଥିଲା । ବିଶେଷ କରି ପ୍ରଥମାର୍ଦ୍ଧରେ ସ୍ପେନ୍ ଖେଳାଳିଙ୍କ ରଚନାତ୍ମକ ପାସ୍ ଏବଂ ଉନ୍ନତ ରଣକୌଶଳ ଆଗରେ ପୂରା ହାର ମାନିଥିଲା ହାର୍ଦିକ ସେନା । ଷଷ୍ଠ ମିନିଟ୍‌ରେ ହିଁ ସ୍ପେନ୍‌ର ପ୍ରତିଆକ୍ରମଣକୁ ରୋକି ନପାରି ପ୍ରଥମ ଗୋଲ୍ ବରାଣ କରିଥିଲା । ଏହି ଫିଲ୍ଡ ଗୋଲ୍‌ଟିକୁ ଇଗ୍ନାସିଓ ଆବାଜୋ ଦେଇଥିଲେ । ଗୋଲ୍‌ପୋଷ୍ଟରେ ବାଜି ଫେରୁ ଆସୁଥିବା ସଟ୍‌କୁ ପୁଣି ଥରେ ଲିଡରକୁ ପୂରାଇ ଇଗ୍ନାସିଓ ଏହି ବର୍ଣ୍ଣନୀୟ ଗୋଲ୍‌ଟିକୁ ଅର୍ଜନ କରିଥିଲେ । ଏହା ପରେ ଭାରତୀୟ ଦଳ କେତେକ ପେନାଲ୍ଟି କର୍ଣ୍ଣର ହାତଛଡ଼ା କରିଥିଲା । ସେହେଲା ୩୦ ମିନିଟ୍ ପର୍ଯ୍ୟନ୍ତ ସ୍ପେନ୍ ଅଗ୍ରଭାଗକୁ ଅଟକାଇବାକୁ ସକ୍ଷମ ହୋଇଥିଲା । ମଧ୍ୟରେ ପରେ କିଛୁ ସ୍ପେନ୍ ଏହି ଗତିରୋଧ ଦୂର କରିବାକୁ ସକ୍ଷମ ହୋଇଥିଲା । ଇଗ୍ନାସିଓ ଜବୋସ୍ ଏକ ସୁନ୍ଦର ଶ୍ୱେତ୍ କରିଅରେ ଆଉ ଏକ ଫିଲ୍ଡ ଗୋଲ୍ ଦେଇ ସ୍ଥିତି ୨-୦ ଜରି ନେଇଥିଲେ । ଭାରତୀୟ ଅଗ୍ରଭାଗ ଖେଳାଳିମାନେ ବହୁ ଚେଷ୍ଟା କରିଥିଲେ ମଧ୍ୟ ସ୍ପେନ୍ ରକ୍ଷଣଭାଗକୁ ଭେଦ କରିବାକୁ ସକ୍ଷମ ହୋଇ ନଥିଲେ । ଫଳରେ ସେହି ସ୍କୋର ଲାଇନ୍‌ରେ ମ୍ୟାଚ୍ ହାରି ଭାରତ ପଗାଜୟରୁ ତା'ର ଏହି ପର୍ଯ୍ୟାୟ ଆରମ୍ଭ କରିଥିଲା ।

ଚଳନ୍ତା ଟ୍ରେନ୍‌ରେ ବିମାନ ଅବତରଣ, ଚୁର୍ଣ୍ଣାରେ ଇଟାଲିର ଷ୍ଟଂଟ୍ ପାଇଲଟ୍ ଡାରିଓଙ୍କ ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): ଚଳନ୍ତା ଟ୍ରେନ୍ ରେ ବିମାନ ଅବତରଣ । ଚୁର୍ଣ୍ଣାରେ ଇଟାଲିର ଷ୍ଟଂଟ୍ ପାଇଲଟ୍ ଡାରିଓ କୋଷ୍ଟାଙ୍କ ବିଶ୍ୱ ରେକର୍ଡ । ଡାରିଓ କାର୍ଗୋ ଟ୍ରେନ୍‌ରେ ନିଜର ବିଜିନୋ ଏଜ୍-୫୪୦ ବିମାନ ଅବତରଣ କରିବା ସହିତ ସେଠାରୁ ପୁନଃ ଉଡ଼ାଣ କରିଛନ୍ତି । ଦୀର୍ଘ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ବିଶ୍ୱ ମହାସାଗରରେ ଯୁଦ୍ଧ ବିମାନ ଓଡ଼ୁଛନ୍ତି । କିନ୍ତୁ ଚଳନ୍ତା ଟ୍ରେନ୍‌ରେ ଆଜି ଯାଏ କୌଣସି ବିମାନ ଅବତରଣ କରାନଥିଲା । ପୂର୍ବତନ ଜାତୀୟ ଏୟାରୋବାଟିକ୍ ଚାମ୍ପିଅନ୍ ଡାରିଓ ଏହି ଅନମନ୍ ପ୍ରୟାସ କରିଥିବାରେ ଅନେକ ବିଶ୍ୱ ରେକର୍ଡ କରିଛନ୍ତି । ଡାରିଓ ଏକ ସୁଦୃଢ଼ ମଧ୍ୟରେ ପ୍ରଥମ ଥର ବିମାନରେ ଯାତ୍ରା କରିବା ପାଇଁ ମଧ୍ୟ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି । ତେବେ ନିରବର ଅଭ୍ୟାସ ଓ ହଜେ ଦୈବୁଦ୍ଧିକ ହାଇପରବୋଲ ବିନା ଏହି ଅବିଶ୍ୱସନୀୟ ଷ୍ଟଂଟ୍ ସମ୍ଭବ ହୋଇନଥାନ୍ତା । ଜାଗୋ ଟ୍ରେନ୍ ଉପରେ ବିମାନ ଅବତରଣ ଅତି ଜଷ୍ଟକର ଜାମ । ବିମାନ ଅବତରଣକୁ ଧିମା କରିବା ପାଇଁ କୌଣସି କେବଲ୍ ମଧ୍ୟ ଟ୍ରେନ୍‌ରେ ନାହିଁ । ଷ୍ଟଂଟ୍‌କୁ ସମ୍ଭବ କରିବା ଲାଗି ଘଂଟା ପ୍ରତି ୧.୫ ମାଇଲ ଲମ୍ବା ଗ୍ରୁପ୍‌ରେ ଟ୍ରେନ୍ ନିଜର ଶୀର୍ଷ ବେଗ ଘଂଟା ପ୍ରତି ୭୪.୫ ମାଇଲ ବେଗରେ ଜାରି ରଖିଲା । ଡାରିଓ ଘଂଟା ପ୍ରତି ୫୪ ମାଇଲ ବେଗରେ ବିମାନ ଭଡ଼ାଇଥିଲେ । ଟ୍ରେନ୍‌ର ଚୁର୍ଣ୍ଣେଲନ୍‌ରୁ ବଂଚି ବିମାନ ଅବତରଣ କରିବା ଡାରିଓଙ୍କ ପାଇଁ ବଡ଼ ଚାଲେଞ୍ଜ୍ ଥିଲା । ଟ୍ରେନ୍‌ରେ ଅବତରଣ କରିବ ମାତ୍ରେ ସେ ଗୁଳର ଆଳାଖକୁ ଛଡ଼ିଗଲେ ଏବଂ ଏହି ସଫଳତାର ଖୁସି ମନେଇଲେ । ଏହା ତାଙ୍କ ପାଇଁ ସବୁଠୁ ଜଟିଳ ଷ୍ଟଂଟ୍ ଥିଲା, କାରଣ ଅବତରଣ ବେଳେ ଜଳପ୍ରିଚ୍‌ରୁ ପ୍ଲାଟ୍‌ଫର୍ମକୁ ସେ ଦେଖୁଥିଲୁନଥିଲେ । ଏହି ସ୍ଥିତିରେ କେବଳ ନିଜ ଅନୁଭବରୁ ବିମାନକୁ ବୁଲାଇ ଲ୍ୟାଣ୍ଡିଂ କରାଇଲେ । ଦୀର୍ଘ ୨ ବର୍ଷର ଯୋଜନା ଓ ମାସ ମାସର ଅଭ୍ୟାସ ପାଇଁ ସେ ସଫଳ ହେଲେ ।

୧ରୁ ଏଏଫ୍‌ସି ମହିଳା ଏସିଆନ କପ, ୨୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ପ୍ୟାରୀ, ଯଶୋଦା, ଜୁଲି

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): ଆସନ୍ତା ମାସ ୧ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଯାଉଛି ଏଏଫସି ମହିଳା ଏସିଆନ କପ୍ । ଏ ନେଇ ଭାରତୀୟ ୨୬ ଜଣିଆ ଦଳ ଘୋଷଣା କରାଯାଇଛି । ଏହି ଦଳରେ ୩ଜଣ ଓଡ଼ିଆ ଖେଳାଳିଙ୍କୁ ସ୍ଥାନ ମିଳିଛି । ସେମାନେ ହେଲେ ଷ୍ଟାର ଫରୱାର୍ଡ ପ୍ୟାରୀ ଖାଖା, ମିଡ ଫିଲ୍ଡର ଯଶୋଦା ମୁଣ୍ଡା ଓ ଡିଫେଣ୍ଡର ଜୁଲି କିଷାନ । ଭାରତ ୪ ତାରିଖରେ ଭିଏତନାମ ଅଭିମୁଖେ ଅଭିଯାନ ଆରମ୍ଭ କରିବ । ଏହି ପ୍ରତିଯୋଗିତାରେ ମୋଟ୍ ୧୨ଟି ଦଳ ଅଂଶ ଗ୍ରହଣ କରିବେ । ସମସ୍ତ ଦଳକୁ ୩ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଭାରତୀୟ ଦଳ ଗ୍ରୁପ୍ ବି'ରେ ସ୍ଥାନ ପାଇଛି । ଏହି ଗ୍ରୁପରେ ଚାଇନିଜ ତାଇପେ, ଜାପାନ ଓ ଭିଏତନାମ ଅନ୍ୟ ଦଳ ଭାବେ ରହିଛନ୍ତି । ଗ୍ରୁପ୍ ଏ'ରେ ଅଷ୍ଟ୍ରେଲିଆ, ଇରାନ, ଦକ୍ଷିଣ କୋରିଆ ଓ ଫିଲିପାଇନ୍ସ ରହିଛନ୍ତି । ସେହିପରି ଗ୍ରୁପ୍ ସି'ରେ ବାଙ୍ଗଲାଦେଶ, ଚୀନ, ଇରାକ କୋରିଆ ଓ ଉଜବେକିସ୍ତାନ ସ୍ଥାନ ପାଇଛନ୍ତି । ପ୍ରତି ଗ୍ରୁପରେ ଶ୍ରେଷ୍ଠ ୨ଟି ଲେଖାଏଁ ଦଳ ଓ ତୃତୀୟ ସ୍ଥାନରେ ରହିଥିବା ଶ୍ରେଷ୍ଠ ୨ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ । ସେମି ଫାଇନାଲରେ ପହଞ୍ଚିଲେ ୨୦୨୭ ବ୍ୟାଙ୍କକ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିବାର ସୁଯୋଗ ମିଳିବ । ଅଷ୍ଟ୍ରେଲିଆ ମୀଟି ସହର(ସିଡନୀ, ପର୍ଥ, ଗୋଲ୍ଡକୋଷ୍ଟ) ଓ ୫ଟି କେନ୍ଦ୍ରରେ ସମସ୍ତ ମ୍ୟାଚ ଖେଳାଯିବ । ଭାରତ ୪ ତାରିଖରେ ଭିଏତନାମକୁ, ୭ ତାରିଖରେ ଜାପାନ ଓ ୧୦ ତାରିଖରେ ଚାଇନିଜ ତାଇପେକୁ ଭେଟିବ । ଭାରତୀୟ ଘୋଷିତ ଦଳ:ପାନଗ୍ଲାର ଚାନୁ ଏଲାଂଗମ, ଶ୍ରେୟା ହୁଡ଼ା, ସୌମ୍ୟା ନାରାୟଣସ୍ୱାମୀ (ଗୋଲ କିପର) । ଆସ୍ତାମ ଓରାଓନ, ଜୁଲି କିଷାନ, ମାର୍ଟିନା ଥୋଇବୋଇ, ନିର୍ମଳା ଦେବୀ ଫଙ୍ଗୋନାଲ୍, ସଞ୍ଜୁ, ସରିତା ୟୁମନାମ, ସିଲକି ଦେବୀ ହେମମ, ସୁସ୍ମିତା ଲେପଚା, ସ୍ୱିଟୀ ଦେବୀ ନଗଂବମ(ଡିଫେଣ୍ଡର) । ଅଞ୍ଜୁ ତମାଙ୍ଗ, ଅଜେଲା ସିଂହ, ବଚିନା ଦେବୀ ଲିସମ, ଯଶୋଦା ମୁଣ୍ଡା, ସନଫିବା ନଙ୍ଗରୋମ, ସଙ୍ଗୀତା ବାସଫୋରେ (ମିଡ ଫିଲ୍ଡର) । ଦାଙ୍ଗମଲ ଗ୍ରୁପ, ଜାଦ୍ୟା ପାଟିଗାମି, ଲିଣ୍ଡା କୋମ ସେର୍ଟୋ, ମାଳବିକା ପି, ମନୀଷା କଲାଖେ, ପ୍ୟାରୀ ଖାଖା, ରିଖା ହାଲଦାର, ସୌମ୍ୟା ଗୁପ୍ତାଲୋଥ (ଫରୱାର୍ଡ) ।

୫ ରାଜ୍ୟରେ ନିର୍ବାଚନ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): କେରଳ, ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗ ଓ ଆସାମ ଆଦି ୫ ରାଜ୍ୟରେ ବିଧାନସଭା ନିର୍ବାଚନ କରିବା ପାଇଁ ନିର୍ବାଚନ କମିସନ ପ୍ରସ୍ତୁତ ହୋଇଛନ୍ତି । ପାଂଚଟି ରାଜ୍ୟ ପାଇଁ ନିର୍ବାଚନ ବିଜ୍ଞପ୍ତି ବାଜିଛି । ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିସନର ଏକ ଦଳ ନିର୍ବାଚନ ପ୍ରସ୍ତୁତି ମୂଲ୍ୟାଙ୍କନ କରିବା ପାଇଁ ଫେବୃଆରି ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ଓ ପୁଡୁଚେରୀ ଗସ୍ତ କରିବେ । ଏହି ସମୟ ମଧ୍ୟରେ ନିର୍ବାଚନ ପ୍ରସ୍ତୁତି ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ । ତାମିଲନାଡୁ ଓ ପୁଡୁଚେରୀ କ୍ୟାଡାର, ଏପ୍ରିଲ-ମେ ମାସରେ ଆସାମ, କେରଳ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି । ନିର୍ବାଚନ ପ୍ରସ୍ତୁତିର ମୂଲ୍ୟାଙ୍କନ କରିବା ପାଇଁ ନିର୍ବାଚନ କମିସନର ଶୀର୍ଷ ଅଧିକାରୀମାନେ ଏହି ସପ୍ତାହରେ ଆସାମ ଗସ୍ତ କରିଛନ୍ତି । ଜ୍ଞାନେଶ କୁମାର ଗୌହାଟୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ନିର୍ବାଚନ କମିସନ ୧୪ ଏପ୍ରିଲରେ ପଡୁଥିବା ବିହୁ ପର୍ବକୁ ଧ୍ୟାନରେ ରଖି ଭାରତ-ପୂର୍ବ ରାଜ୍ୟ ପାଇଁ ନିର୍ବାଚନ କାର୍ଯ୍ୟସୂଚୀ ବୁଡ଼ାଇ କରିବେ । ନିର୍ବାଚନ କମିସନଙ୍କ ଦଳ ଫେବୃଆରି ୨୨ ଏବଂ ୨୩ ତାରିଖରେ ଦୁଇ ଦିନ ପାଇଁ କେରଳରେ ରହିବେ । ରାଜ୍ୟ ନିର୍ବାଚନ କମିସନ ସଚିବମାନଙ୍କ ସୋମବାରେ ପାଇଁ ନିର୍ବାଚନ କମିସନଙ୍କର ଦଳ ୨୪ ତାରିଖରେ ଦିଲ୍ଲୀ ଫେରିବେ । ଏହାପରେ ଫେବୃଆରି ୨୫ ତାରିଖରେ କମିସନ ପୁଡୁଚେରୀ ଓ ତାମିଲନାଡୁ ଯିବେ । କମିଶନ ୨୫ ଫେବୃଆରିରେ ପୁଡୁଚେରୀରେ ରହିବେ । ନିର୍ବାଚନ ପ୍ରସ୍ତୁତି ପାଇଁ ନିର୍ବାଚନ କମିସନଙ୍କ ଦଳ ୨୬ ଓ ୨୭ ଫେବୃଆରିରେ ତାମିଲନାଡୁରେ ରହିବେ । ସେହିପରି ମାର୍ଚ୍ଚ ପ୍ରଥମ ସପ୍ତାହରେ ପଶ୍ଚିମବଙ୍ଗ ଯିବେ । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବା ପୂର୍ବରୁ ନିର୍ବାଚନ କମିସନ ନିର୍ବାଚନ ହେଉଥିବା ରାଜ୍ୟଗୁଡ଼ିକୁ ଗସ୍ତ କରିବା ସାଧାରଣ କଥା । ଏହି ପାଂଚଟି ରାଜ୍ୟର ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ମେ ଏବଂ ଜୁନ୍ ମାସରେ ଭିନ୍ନ ଭିନ୍ନ ତାରିଖରେ ଶେଷ ହେବ । ପୁଡୁଚେରୀ ବିଧାନସଭାର ପାଂଚ ବର୍ଷର କାର୍ଯ୍ୟକାଳ ଜୁନ୍ ୧୫ ରେ ଶେଷ ହେଉଥିବାବେଳେ ଆସାମ, କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ମେ ୭,୧୦, ୨୦ ଓ ୨୩ ରେ ଶେଷ ହେଉଛି । ଗତ ଥର, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଠଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା ।

ଦେଶରେ ୩୨ ଫେକ୍ ୟୁନିଭର୍ସିଟି ଲିଷ୍ଟ ଜାରି କଲା ୟୁଜିସି

ନୂଆଦିଲ୍ଲୀ, ୨୧/୨(ନ୍ୟୁ.ଏ): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦେଶରେ ଚାଲିଥିବା ନକଲି ବିଶ୍ୱବିଦ୍ୟାଳୟର ଲିଷ୍ଟଜାରି କରିଛି । ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ବୈଧାନିକ ସ୍ୱୀକୃତି ବିନା ଡିଗ୍ରୀ ପ୍ରଦାନ କରୁଥିଲେ । ଏବେ ୟୁଜିସି ଏହି ୟୁନିଭର୍ସିଟି ଗୁଡ଼ିକୁ ଚେତାବନୀ ଜାରି କରିଛି । ଏହା ସହ କରିଛି ନକଲି ଡିଗ୍ରୀରେ ଚାକିରୀ ଓ ଉଚ୍ଚଶିକ୍ଷା ପାଇବା ବେଆଇନ । ଆୟୋଗ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା କୌଣସି ଡିଗ୍ରୀ ଆଇନଗତ ଭାବରେ ବୈଧ ହେବ ନାହିଁ । ତାଲିକାକୁ ଏହାର ସରକାରୀ ୱେବସାଇଟରେ ପ୍ରକାଶ କରି, ୟୁଜିସି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ନାମ ଲେଖା ପୂର୍ବରୁ ଅନୁଷ୍ଠାନର ମାନ୍ୟତା ଯାଞ୍ଚ କରିବାକୁ ଅନୁରୋଧ କରିଛି ୟୁଜିସି ।ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ନକଲି ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଇଛି । ୨୦୨୫ରେ ପ୍ରାୟ ୨୨ ଟି ଶିକ୍ଷାନୁଷ୍ଠାନ ତାଲିକାଭୁକ୍ତ ହୋଇଥିଲେ, କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟା ୩୨ କୁ ବୃଦ୍ଧି ପାଇଛି । ଏହା ସୂଚିତ କରେ ଯେ ବେଆଇନ ଡିଗ୍ରୀ ଦେବାର କେନ୍ଦ୍ରଗୁଡ଼ିକ ଦ୍ରୁତ ଗତିରେ ବଢ଼ୁଛି, ଯାହା ବହୁ ସଂଖ୍ୟକ ଛାତ୍ରଙ୍କୁ ବିପଦରେ ପକାଇଛି । ଦିଲ୍ଲୀରେ ସର୍ବାଧିକ ୧୨ଟି ରହିଛି । ଉତ୍ତର ପ୍ରଦେଶରେ ୪ଟି ରହିଛି । ଆନ୍ଧ୍ର ପ୍ରଦେଶ,କର୍ଣ୍ଣାଟକ, କେରଳ,